**ସିକେରପାଟ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼**

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲିରେ ଅନୁଷ୍ଠିତ ସିକେରପାଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ୪ଦଶନ୍ଧି ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ଯାତ୍ରାରେ ଚଳିତବର୍ଷ ଜଗଦୀଶ ନନ୍ଦ ପୂଝାରୀ ଦାୟିତ୍ୱ ତୁଲାଇଥିଲେ। ମାନସିକଧାରୀଙ୍କ ଅତୁଟ ଆସ୍ଥା ଓ ବିଶ୍ୱାସ ରହିଥିବାରୁ ଏହିବର୍ଷ ମଧ୍ୟ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯାତ୍ରାରେ ଉପସ୍ଥିତ ରହି ଆଶୀର୍ବାଦ ଭିକ୍ଷା କରିଥିଲେ। ବିଧାୟକ ନରସିଂହ ମିଶ୍ର ଏହି ଅବସରରେ ଉପସ୍ଥିତ ରହି ଆଶିଷ କାମନା କରିଥିଲେ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୭, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଲାଙ୍ଗୀରରେ ପରିକ୍ରମା କଲା ବିଶାଳ ଧ୍ୱଜ ଯାତ୍ରା



ଶ୍ରଦ୍ଧାଳୁମାନେ ଧ୍ୱଜ ଶୋଭାଯାତ୍ରାରେ ବଲାଙ୍ଗୀର ସହର ପରିକ୍ରମା କରୁଛନ୍ତି।

**ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)**

ସୋମବାର ଅଯୋଧାରେ ହେବାକୁ ଥିବା ଶ୍ରୀରାମ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ରବିବାର ବଲାଙ୍ଗୀର ସହରରେ ବିଶାଳ ଧ୍ୱଜଯାତ୍ରା ପରିକ୍ରମା ସମ୍ପନ୍ନ ହୋଇଛି। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଅପରାହ୍ଣରେ ବିଶ୍ୱାଳ ଧ୍ୱଜ ଧରି ଶତାଧିକ ଲୋକେ ସହର ପରିକ୍ରମାରେ ବାହାରିଥିଲେ। ଶ୍ରୀରାମ ଜନ୍ମଭୂମି ପ୍ରତିଷ୍ଠା ଉତ୍ସବ ବଲାଙ୍ଗୀର ନଗର ସଂଯୋଜକ ଗୋବିନ୍ଦ ମିଶ୍ର, ସୌମ୍ୟ ମିଶ୍ର, ଶାନ୍ତନୁ କୁମାର ନାଏକ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଙ୍କୁଶ ପାଣ୍ଡିଆ, ସୁମନ ପରିଛା, ମନୋଜ ଜୈନ, ବିବେକାନନ୍ଦ ପଟେଲ ଉପସ୍ଥିତ ଥିଲେ। ଧ୍ୱଜ ଶୋଭାଯାତ୍ରା କୋଶଳ କଳାମଣ୍ଡଳ ପଡିଆରୁ ବାହାରି ଭାଗିରଥି ଛକ, ବିକ୍ରମ ଛକ, ସମଲେଶ୍ୱରୀ ମନ୍ଦିର ଛକ, ପାଟଣେଶ୍ୱରୀ ମନ୍ଦିର ଛକ, ପାଟଣା ଛକ ଦେଇ କଳାମଣ୍ଡଳ ପଡିଆକୁ ଫେରିଥିଲା। ଶ୍ରଦ୍ଧାଳୁମାନେ ଜୟଶ୍ରୀ ରାମ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରିଥିଲେ। ସୋମବାର ବଲାଙ୍ଗୀର ଜିଲାର ସମସ୍ତ ୧୪ ବ୍ଲକ୍, ବଲାଙ୍ଗୀର, ଟିଟିଲାଗଡ ମ୍ୟୁନିସିପାଲିଟି, ପାଟଣାଗଡ, କଣ୍ଟାବାଞ୍ଜି, ତୁଷରା ଏନ୍‌ଏସି ସମତେ ଜିଲାର ୧୭୮୮ଟି ଗାଁର ପ୍ରାୟ ସମସ୍ତ ମଠ ଓ ମନ୍ଦିରରେ ଶ୍ରୀରାମ ଜନ୍ମଭୂମି ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ। ବଲାଙ୍ଗୀର ମ୍ୟୁନିସିପାଲିଟିର ସମସ୍ତ ୨୧ଟି ୱାର୍ଡର ୮୭ଟି ପଡାରେ ଥିବା ମଠ, ମନ୍ଦିରରେ ଆଧାତ୍ମିକ କାର୍ଯ୍ୟକ୍ରମ କରାଯିବ।

# ଲକ୍ଷ୍ୟ ସ୍ଥିର କରନ୍ତୁ ଛାତ୍ରୀଛାତ୍ର

**ମୁରିବାହାଲ,୨୧।୧(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଲଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଶନିବାର ରାତିରେ ସମ୍ପନ୍ନ ହୋଇଛି। ଶତବାର୍ଷିକ ମହୋତ୍ସବ କମିଟି ସଭାପତି ଚୈତନ୍ୟ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପ୍ରଧାନଶିକ୍ଷକ କିଶୋର କୁମାର ଝାଙ୍କର, ପୁରାତନ ଛାତ୍ର ଲମ୍ବୋଦର ପୂଝାରୀ, ସୁବାସ ପଟ୍ଟନାୟକ, ଆଦିକନ୍ଦ ଖମାରୀ, ଶିକ୍ଷାବିତ୍ ତରଣୀସେନ ମେହେର ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତାଭାବେ ଗବେଷକ ପରମେଶ୍ୱର ମୁଣ୍ଡ ଯୋଗଦେଇ ଛାତ୍ରୀଛାତ୍ରମାନେ ଗୁରୁଜନଙ୍କ ପ୍ରତି ସମ୍ମାନବୋଧ ରଖିବା ସହ ସ୍କୁଲ ସମୟରୁ ଜୀବନର ଲକ୍ଷ୍ୟ ସ୍ଥିର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶୁକ୍ରବାର ଦ୍ୱିତୀୟ ଦିବସର ସାନ୍ଧ୍ୟ ଅଧିବେଶନରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ କଣ୍ଟାବାଞ୍ଜି ବିଧାୟକ



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ହଳଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକ ସମାରୋହ**

ସନ୍ତୋଷ ସିଂ ସାଲୁଜା ଯୋଗଦେଇ ଏହି ପୁରାତନ ବିଦ୍ୟାଳୟର ବିକାଶ ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝି, ଭାରତୀୟ ଖାଦ୍ୟ ନିଗମ ମଣ୍ଡଳ ପ୍ରବନ୍ଧକ ଦୀପକ କୁମାର ତ୍ୟାଗୀ ଉପସ୍ଥିତ ରହି ସମାଜରେ ଉନ୍ନତି ଆଣିବାକୁ ହେଲେ ପ୍ରଥମେ ନିଜେ ସଂସ୍କାରିତ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଲେଖକ ଭିକାରି ଚରଣ ମିଶ୍ର ଉପସ୍ଥିତ ରହି ଶିକ୍ଷା ସହ ସହନଶୀଳ ହେବା ଜରୁରୀ ବୋଲି କହିଥିଲେ। ପରେ ଭବାନୀପାଟଣା ଆଦିମ ଅନୁଷ୍ଠାନ କଳାକାରମାନେ ପରମେଶ୍ୱର ମୁଣ୍ଡଙ୍କ ନିର୍ଦ୍ଦେଶିତ ମେଘ ଦେଶର ପାଏନ, ଅବନିଗୁଣା ନାଟ୍ୟ ସଂସଦ ପଦ୍ମପୁରର ଅଶୋକ କୁମାର ବହିଦାରଙ୍କ ନିର୍ଦ୍ଦେଶିତ ମୋର ପାହ କେ ତୋର ପାହା ଓ. ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁରର ଅସିତ କୁମାର ଶତପଥୀଙ୍କ ନିର୍ଦ୍ଦେଶିତ ଭାବନୁ ନ ଅଭାବ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିସହିତ ସମ୍ବଲପୁରୀ ଅର୍କେଷ୍ଟାର ମଜା ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଲୋକେ ଉଠାଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମହୋତ୍ସବ କମିଟି ସଂଯୋଜକ ଦିଲ୍ଲୀପ ପଶାୟତ, ଦୀପକ ରଞ୍ଜନ ବାଗ, ପୁରୁଷୋତ୍ତମ ବାଗ, ସୁବାସ ପୋଡ଼, ତରଣୀସେନ ଦୀପ, ରମାରଞ୍ଜନ ସେଟ, ଅଶ୍ୱନୀ ଭୁକ୍ତା, ନିମାଇଁ କୁମ୍ଭାର, ଉତ୍ତମ କୁମ୍ଭାର, ଚତୁର ମହାନନ୍ଦ, ରୁକୁମଣ ମହାନନ୍ଦ, ଦୀନେଶ କୁମ୍ଭାର, ଦଶରଥି କୁମ୍ଭାର, ଶେଷଦେବ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଲୋଇସିଂହା,୨୧।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ବାଣୀ ନିକେତନ ରୋତରେ ପାଞ୍ଚଦିନ ଧରି ଚାଲିଥିବା ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ଜ୍ଞାନ ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ଆୟୋଜିତ ଓଡ଼ିଆ କବିତା ଲିଖନ, ପ୍ରବନ୍ଧ ଲିଖନ, କବିତା ପଠନ, ହସ୍ତାକ୍ଷର ଲିଖନ, କୁଇଜ, ବିତର୍କ, ଜଗନ୍ନାଥ ଭଜନ ଗାନ, ଲୋକନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ଓଡ଼ିଆ ଚଳଚ୍ଚିତ୍ର ଜୟ ଜଗନ୍ନାଥ ପ୍ରଦର୍ଶନ ଓ ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଚେତନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର, ମେମେଣ୍ଟୋ ଓ ଅର୍ଥ ରାଶି ଦେଇ ପୁରସ୍କୃତ କରଯାଇଥିଲା। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଅଧ୍ୟକ୍ଷତାରେ କରିଥିଲେ। ଏଥିରେ ପରିଚାଳନା ପରିଷଦ ସଭାପତି କାହ୍ନୁଚରଣ ଦର୍ଜି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡକ୍ଟର ଉପେନ୍ଦ୍ର କୁମାର ମହାପାତ୍ର ମୁଖ୍ୟବକ୍ତା, ଡକ୍ଟର ସରୋଜ କୁମାର ମହାକୁଡ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ମଞ୍ଚ ପରିଚାଳନା, ଅଧ୍ୟାପକ ସୋମନାଥ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ତଥା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେରଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜାତୀୟ କାର୍ଟୁନ ପ୍ରତିଯୋଗିତାରେ ଅଶ୍ୱିନୀ-ଅବନୀଙ୍କ କୃତିତ୍ୱ

**ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର):** ରାୟପୁରରୁ ପ୍ରକାଶିତ ମାସିକ କାର୍ଟୁନ୍ ପତ୍ରିକା କାର୍ଟୁନ୍ ୱାଚ୍ ଆବାହକତ୍ୱରେ ଆୟୋଜିତ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡ଼ିଶାର ସୁପରିଚିତ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ପୁରସ୍କାର ଲାଭ କରିବା ସୌଭାଗ୍ୟ ଅର୍ଜନ କରିଛି' ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତା ରାମ ଆଏଙ୍ଗେ ବିଷୟବସ୍ତୁ ଉପରେ ଆଧାରିତ ଥିଲା। ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରଟିରେ ରାମ ଚେତନା ଏବଂ ମାନବ ଧର୍ମ ସମ୍ପର୍କର ଏକ ସକାରାତ୍ମକ ଅବଧାରଣା ପ୍ରଦାନ କରାଯାଇଛି। ପୁରସ୍କୃତ କାର୍ଟୁନରେ ରାମ ସର୍ବତ୍ରବିଦ୍ୟମାନ ଏକଥା ସୂଚାଇ ଦିଆଯାଇଛି।



## ଲୋକନାଥ ଦେବଙ୍କ ପ୍ରତିଷ୍ଠା ଉତ୍ସବ

**ଦେଓଗାଁ, ୨୧।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ମୁରସିଂହ ଅଭିନବ ଶ୍ରୀକ୍ଷେତ୍ର ସ୍ୱର୍ଣ୍ଣଗଡରେ ପାଞ୍ଚଦିନ ଧରି ଚାଲିଥିବା ଲୋକନାଥ ଦେବଙ୍କ ପ୍ରତିଷ୍ଠା ଉତ୍ସବ, ଯଜ୍ଞ ଓ ମକରଯାତ୍ରା ସମ୍ପନ୍ନ ହୋଇଛି। ବିଜୟ କୁମାର ମହାନ୍ତି ସଭାପତିତ୍ୱରେ ଅନୁଷ୍ଠିତ ଯଜ୍ଞରେ ନୃସିଂହ ଚରଣ ତ୍ରିପାଠୀ ଯୋଗଦେଇ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଦଶାନନ ଭୋଇ ଓ ତାଙ୍କ ପତ୍ନୀ ଯଜ୍ଞକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ମୁରସିଂହ ତଥା ଆଖପାଖ ଗାଁର ଲୋକେ ସହଯୋଗ କରିଥିଲେ।


**Classified Everyday 0674-2580101, 2549949**



REAL ESTATE

**SALE**

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296



FOR RENT

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322

**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.** D-2295



Healthcare

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Positively health benefits SPA expert therapist at Nayapalli. Contact: 7846814019. D-75187

**Body massage by experience, good looking therapist @999/-, (Bhubaneswar). 9078484455.** D-2282

Full body massage relax body mind by trend lady therapist. 8327754443. D-75192

**Newly open SPA positively health benefits with expert therapist. 9938843929.** D-75190

Newly open SPA positively health benefits (Expert therapist). Contact: 9124527170. D-75191

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଭାଗୀରଥି ପରିଡ଼ା**

ଅବସରପ୍ରାପ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ

ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆବିର୍ଭାବ: ୧୯।୦୧।୧୯୪୦

ତିରୋଧାନ: ୦୩।୦୧।୨୦୨୩

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ନାତି-ନାତୁଣୀ, ପରିବାରବର୍ଗ, ବନ୍ଧୁ, ଆତ୍ମୀୟସ୍ୱଜନ ଏବଂ ଗ୍ରାମବାସୀ ବୃନ୍ଦ

ଧ-୭୩୭୯୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରଣଜିତ ରାୟ**

(ବରିଷ୍ଠ ଆଇନଜୀବୀ)

ତୁମର ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଲୀନ ହେଉ। ମହାପ୍ରଭୁ ତୁମ ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା।

ତୁମ ପରିବାର ଏବଂ ବନ୍ଧୁ ବର୍ଗ।

ଧ-୭୩୭୯୩

**ଦଶାହ ଉପଲକ୍ଷେ**



**୰ଗିରିଶ ଚନ୍ଦ୍ର ପତି**

ଆବିର୍ଭାବ- ୦୭।୦୩।୧୯୭୪

ତିରୋଧାନ- ପୌଷମାସ ଶୁକ୍ଳପକ୍ଷ ଦ୍ୱିତୀୟା ଇଂରାଜୀ ତା୧୩।୦୧।୨୦୨୪ରିଖ (ଶନିବାର)

ଭାଇନା, ତୁମେ ଆମ୍ଭମାନଙ୍କ ଗହଣରୁ ଆରପାରିକୁ ଚାଲି ଯାଇଛ। ତୁମର ସ୍ମୃତି ଆମ୍ଭମାନଙ୍କୁ ଏତେ ଯେ ବ୍ୟଥିତ କରୁଛି କହିବାକୁ ଭାଷା ନାହିଁ। ତୁମ୍ଭର ଅନୁପସ୍ଥିତି ସବୁଦିନ ପାଇଁ ଶୂନ୍ୟସ୍ଥାନ ହୋଇ ରହିଯାଇଛି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ପୂର୍ବକ ତୁମ ଉଦ୍ଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।

ଶୋକସନ୍ତପ୍ତ- ସ୍ତ୍ରୀ, ପୁଅ, ପତି ପରିବାରବର୍ଗ, ସାଙ୍ଗସାଥୀ ଓ ଜ୍ଞାତି ପରିଜନ।

ଧ-୭୩୫୫୩

**୨୯ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କାର୍ତ୍ତିକ ନାୟକ**

ସୁବେଦାର ମେଜର (ଆର୍ମି)

ଇଟାମାଟି, ଦେଉଳ ସାହି, ନୟାଗଡ଼

ଆବିର୍ଭାବ: ୦୭।୦୧।୧୯୪୧

ତିରୋଧାନ: ୨୪।୦୧।୧୯୯୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ତୁମର ହତଭାଗ୍ୟ ପତ୍ନୀ: କାଞ୍ଚନ, ପୁତ୍ର: ବାପି, ପପୁ, ଝିଅ: ରୀନା, ସୁଧା, ଇତି, ନାତି: ଦୀପକ, ନାତୁଣୀ: ଆସ୍ଥା, କଣ୍ଢେଇ, ଶିଖା, ଲିକା, ଲିପା, ପୁତ୍ରବଧୂ: ସନ୍ଧ୍ୟା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।

ଧ-୨୩୧୬


# ମିଲେଟ ଶକ୍ତି କାଫେ ଉଦ୍‌ଘାଟିତ

**ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶା ମିଲେଟ ମିଶନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ଦୁର୍ଗା ମନ୍ଦିର ସମ୍ମୁଖରେ ଏକ ମିଲେଟ ଶକ୍ତି କାଫେ ଉଦ୍‌ଘାଟିତ ହୋଇଛି। ବିଧାୟକ ନରସିଂହ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରି ଉପସ୍ଥିତ ଥିଲେ। ଏହି କାଫେରେ ମିଲେଟ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ସୁଲଭ ମୂଲ୍ୟରେ ବିକ୍ରି ପାଇଁ ଉପଲବ୍ଧ ହେବ। ଓଡ଼ିଶା ମିଲେଟ ମିଶନ ଲକ୍ଷ୍ୟ ହେଲା ମିଲେଟ ଜାତୀୟ ଦ୍ରବ୍ୟର ଉତ୍ପାଦନ ସହ ଏହାକୁ ଖାଉଟୀ ମାନଙ୍କ ମଧ୍ୟରେ ଆଦୃତ କରାଇବା। ଏହାର ପ୍ରକ୍ରିୟାକରଣକୁ ସରଳୀକରଣ କରାଇବା ସହ ଏହାର ବିକ୍ରୟ ବୃଦ୍ଧି କରି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଛି। ଉଦ୍‌ଘାଟନ ଅବସରରେ ମିଲେଟ ଶକ୍ତି କାଫେ ନିର୍ମାଣ ହୋଇଥିବା ସ୍ଥାନରେ ପୂର୍ବରୁ ଛୋଟ ଦୋକାନ କରି ଗୁଜରାଣ ମେଣ୍ଟାଉଥିବା ଲୋକଙ୍କୁ ଉଦ୍‌ବାସ୍ତୁ କରାଯାଇଥିବାରୁ ସେମାନେ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେନେଇ ବିଧାୟକ ମିଶ୍ରଙ୍କୁ ଜଣାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଅଭିଯୋଗ ଶୁଣିବା ପରେ ବିଧାୟକ ମିଶ୍ର ଜିଲାପାଳ ଚଞ୍ଚଳ ରାଣାଙ୍କୁ ପ୍ରଭାବିତ ଲୋକଙ୍କ ସମସ୍ୟା ଶୀଘ୍ର କିଭଳି ପୂରଣ ହେବ ସେନେଇ ସୁବ୍ୟବସ୍ଥା କରିବାକୁ କହିଥିଲେ। ଜିଲାପାଳ ରାଣା ଜୀବିକା ହରାଇଥିବା ଲୋକଙ୍କ ପାଇଁ ପ୍ରଶାସନ ବିକଳ୍ପ ବ୍ୟବସ୍ଥା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ଦୁର୍ଗାମନ୍ଦିର ସମ୍ମୁଖ ମିଲେଟ ଶକ୍ତି କାଫେ ଉଦ୍‌ଘାଟନ କରୁଛନ୍ତି।

## ୪୭କ୍ୱିଣ୍ଟାଲ ଧାନ ସହ ଟ୍ରକ୍ ଜବତ

**ଗୁଡଭେଲା,୨୧।୧(ମନୋଜ କୁମାର ଜୈନ):** ଧାନ ବିକ୍ରିରେ କଟ୍‌ନୀକୁ ବିରୋଧ କରି ଶନିବାର ୧୨ଘଣ୍ଟିଆ ତୁଷୁରା ବନ୍ଦ ପାଳନ ବେଳେ ଏକ ଧାନ ବୋଝେଇ ଟ୍ରକକୁ ଯୁଥ ଆକ୍ସନ କମିଟି ସଦସ୍ୟ ଅଟକାଇ ଯୋଗାଣ ବିଭାଗ ଜିମା ଦେଇଥିଲେ। ରବିବାର ବଲାଙ୍ଗୀର ଜିଲା ଯୋଗାଣ ବିଭାଗ ବେଆଇନଭାବେ ଚାଲାଣ ହେଉଥିବା ୪୭କ୍ୱିଣ୍ଟାଲ(୧୦୬ପ୍ୟାକେଟ)ଧାନ ସହ ଟ୍ରକ ନଂ ଓଡି ୦୩ କେ ୭୪୧୯କୁ ଜବତ କରିଛି। ଜବତ ଧାନକୁ ତୁଷୁରା କେଡିଆ ରାଇସ୍ ମିଲ ଜିମାରେ ଦିଆଯାଇଥିବା ବେଳେ ଟ୍ରକକୁ ତୁଷୁରା ଥାନାରେ ରଖାଯାଇଥିବା ଗୁଡଭେଲା ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ପ୍ରଧାନ କହିଛନ୍ତି। ଜାଲ କାଗଜପତ୍ର ଧରି ଧାନ ବୋଝେଇ ଟ୍ରକ ସହ ଗୁଡଭେଲା ବ୍ଲକ ପେଦିମୁଣ୍ଡାସ୍ଥିତ ଗଜାନନ ରାଇସ୍ ମିଲ୍ କର୍ମଚାରୀ ସୁରଜ ଶର୍ମା ଆସିଥିଲେ।


**CLASSIFIED DISPLAY**

MORE SPACE ' SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Hurry up... Hurry up... Hurry up...

**B.Ed**

**Only @89,000/-**

IMMEDIATELY CONTACT

**B.Ed**

COUNSELLING CENTER BHUBANESWAR

7606962458
8908210843
9124391142
8908210443

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବୁଣାକାରଙ୍କ ବିକାଶ ଲାଗି ଉଦ୍ୟମ ଲୋଡ଼ା

**ଦେଓଗାଁ, ୨୧।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**ଭୁଲିଆ ସମାଜର ଭେଟ୍‌ଘାଟ୍ କାର୍ଯ୍ୟକ୍ରମ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଭୁଲିଆ ସମାଜର ଭେଟ୍‌ଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ନିଖିଳ ଓଡ଼ିଆ ଭୁଲିଆ ସମାଜ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମୋହନ ମେହେର, ସମ୍ମାନୀତ ଅତିଥିଭାବେ ନିଖିଳ ଓଡ଼ିଆ ଭୁଲିଆ ସମାଜ ସଂଗଠକ ପ୍ରଫୁଲ୍ଲ ମେହେର, ବଲାଙ୍ଗୀର କେନ୍ଦ୍ର ସଭାପତି ହରେକୃଷ୍ଣ ମେହେର, ସୋନପୁର କେନ୍ଦ୍ର ସଭାପତି ପ୍ରଫୁଲ୍ଲ ମେହେର, ବେଲପଡା କେନ୍ଦ୍ର ସଭାପତି ଚୂଡାମଣି ମେହେର, ନିଖିଳ ଓଡ଼ିଆ ଭୁଲିଆ ସମାଜ ସଦସ୍ୟ କରୁଣାକର ମେହେର ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୀନା ମେହେର ମଞ୍ଚାସୀନ ଥିଲେ। ଭୁଲିଆ ସମାଜର ଉନ୍ନତ, କୌଳିକ ବୃତ୍ତି ଓ ବୁଣାକାରମାନଙ୍କ ସାମଗ୍ରିକ ବିକାଶ ଦିଗରେ ଉଦ୍ୟମ କରିବା ପାଇଁ ଅତିଥିବୃନ୍ଦ ଆହ୍ୱାନ ଦେଇଥିଲେ। ଏହାସହ ବୁଣାକାରମାନଙ୍କୁ ଭତ୍ତା ପ୍ରଦାନ ପାଇଁ ଦାବି କରିଥିଲେ। ଏହି ଅବସରରେ ଉପସଭାପତି ମାର୍କଣ୍ଡ ମେହେରଙ୍କ ପରିଚାଳନାରେ ଜରାସିଂହା, ବରକାନୀ, ସାଲେପାଲି, ନାଇକେନସିରା, ଜମ୍ଭେଲ ଓ ଟେବଡାମୁଣ୍ଡା ଆଦି ଆଞ୍ଚଳିକ କେନ୍ଦ୍ରର ସଭାପତି ଓ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜରାସିଂହା କେନ୍ଦ୍ର ସଭାପତି କମେଶ୍ୱର ମେହେର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଲୋକନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଭୁଲିଆ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଭୁଲିଆ ସମାଜର ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

ରିଷିଡ଼ା,୨୧।୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା ରିଷିଡା ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଶିବମନ୍ଦିର ପରିସରରେ ଆଗାମୀ ଶିବରାତ୍ରି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିବରାତ୍ରି ପାଇଁ ଉତ୍ସବ ମୁଖର କରିବା ପାଇଁ ନାମଯଜ୍ଞ, ଯାଗରଯଜ୍ଞ ଓ ମହାଦୀପ ପ୍ରଜ୍ୱଳନ ଏବଂ ଷୋହଳପ୍ରହର ନାମଯଜ୍ଞ ଆୟୋଜନ କରାଯିବା ସୂଚନା ମିଳିଛି। ବୈଠକରେ ମନ୍ଦିର କମିଟି ସଭାପତି ଦିଲୀପ କୁମାର ରଣା, ଉପ ସଭାପତି ପୀତବାସ ସାହୁ, ସମ୍ପାଦକ ଦୁଷ୍ମନ୍ତ କୁମାର ଲେଙ୍କା, ସହ ସମ୍ପାଦକ ଲିପୁନ ରଣା ଏବଂ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

### ଆସନ୍ତା ୪ରେ ବ୍ଲକସ୍ତରୀୟ ଶୀତ କ୍ରୀଡ଼ା ମହୋତ୍ସବ

ରିଷିଡ଼ା, ୨୧।୧(ସୁଶାନ୍ତ ମଲ୍ଲିକ)

ଆସନ୍ତା ଫେବୃଆରୀ ୪ ତାରିଖରେ ମୋ ଜନତା ମୋ ଶକ୍ତି ପକ୍ଷରୁ ଏବଂ ଯୁବ ସମାଜସେବୀ ତଥା ମ.ରାମପୁର ରାଜପରିବାର ଶ୍ରୀ ନୀଳମାଧବ ସିଂଦେଓଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ଶୀତ କ୍ରୀଡା ମହୋତ୍ସବ ଗଜବାହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନା ପଡ଼ିଆଠାରେ ଅନୁଷ୍ଠିତ ହେବ। ଉକ୍ତ ମହୋତ୍ସବରେ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କ୍ରିଡା ପ୍ରତିଯୋଗିତା ବହୁ ଆଡମ୍ବର ସହକାରେ ପାଳନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଆୟୋଜକ କମିଟିରେ ସଭାପତି ଜ୍ୟୋତିରଞ୍ଜନ ପଧାନ ଗଜବାହାଲ, ସମ୍ପାଦକ ସୁଶାନ୍ତ ମଲ୍ଲିକ ରିଷିଡା, କର୍ମକର୍ତ୍ତା ବୃନ୍ଦ ମହେନ୍ଦ୍ର ପ୍ରଧାନୀ, ରମେଶ ବାରିକ ଶୁଶିଲ କୁମାର ସାହୁ, ବେଣୁଧର ସାହୁ, ଆକାଶ ପଧାନ, ପିୟୁସ ପୁଟେଲ ପ୍ରମୁଖ ରହିଛନ୍ତି।

### ଭତରା ସମାଜର ସାଙ୍ଗଠନିକ ବୈଠକ

କୋକସରା,୨୧।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଭତରା ସମାଜର ଏକ ସାମାଜିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟେମରା ସରପଞ୍ଚ କ୍ଷିତିରାମ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ଭତରା ସମାଜ ସଭାପତି କୈଳାଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ସଭାପତି ନୀଳକଣ୍ଠ ମାଝି, ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ଉପସଭାପତି ଗରୁଡ଼ ଧ୍ୱଜମାଝି, ବ୍ଲକ ଭତରା ସମାଜ ସଭାପତି ସୁଧୀର କୁମାର ପାତ୍ର, କ୍ଷୀରୋଦ ମାଝି, ପୂର୍ବତନ ସମ୍ପାଦକ ସୁଶାନ୍ତ କୁମାର ମାଝି, ଜନଗଣନା ଅଧିକାରୀ ଲୋକନାଥ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଭତରା ସମାଜକୁ ଆଗାମୀ ଦିନରେ ଶିକ୍ଷା, ଦୀକ୍ଷା ସଂସ୍କାର, ଶୃଙ୍ଖଳିତ ସମାଜକୁ ସୁଦୃଢ କରିବାକୁ ମତ ପ୍ରକାଶ କରିଥିଲେ। ମଞ୍ଚ ପରିଚାଳନା ଭତରା ସମାଜ କର୍ମଚାରୀ ସଂଘ ସଭାପତି ତୋଫାନ ମାଝି କରିଥିବା ବେଳେ ଭତରା ସମାଜର ହେମନ୍ତ ବାଣୁଆ, ଦୁଷ୍ମନ୍ତ କୁମାର ପାତ୍ର, ନୀଳମଣି ମାଝି, ରମେଶ ମାଝି, କୈଳାଶ ଚଳାନ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।

# ୧୨ ଦିନ ପରେ ବି ଗାଁକୁ ଆସି ପାରୁନି ମୃତଦେହ

ଭବାନୀପାଟଣା,୨୧।୧(ଉତ୍ତମ କୁମାର ଦାଶ)

■ମୃତଦେହ ଆଣିବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ

■କଳାହାଣ୍ଡିରେ ସରୁନି ଦାଦନ ଦୁଃଖ

କଳାହାଣ୍ଡି ଜିଲାରେ ଦିନକୁ ଦିନ ଦାଦନ ସମସ୍ୟା ଉଗ୍ର ରୂପ ଧାରଣ କରୁଛି। ପେଟପାଟଣା ଆଶାରେ ଗରିବ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସେଠାରେ ଅନେକଙ୍କ ମୃତ୍ୟୁ ହେଉଥିବାବେଳେ ଏବେ ବି ଅନେକ ନିଖୋଜ ଅଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ପୁଣି ସାମନାକୁ ଆସିଛି ଜିଲାର ଜୟପାଟଣା ବ୍ଲକର ବାଡକର୍ଲାକୋଟ ଗାଁରେ। ଗାଁର ଶୋଭା ଭଏଂଶାଲ ଓ ଧନମତି ଭଏଂଶାଲଙ୍କ ଏକମାତ୍ର ପୁଅ ଉମାଶଙ୍କର ଭଏଂଶାଲ (୨୮) ଚେନ୍ନାଇକୁ ଦାଦନ ଖଟିବାକୁ ଯାଇ ସେଠାରେ ମୃତ୍ୟୁବରଣ କରିଛନ୍ତି। ତେବେ ମୃତ୍ୟୁ ହେବାର ୧୨ ଦିନ ପରେ ମଧ୍ୟ ପରିବାର



ଦାଦନ ଉମାଶଙ୍କର।

ଲୋକେ ଅର୍ଥ ଭାବରୁ ମୃତଦେହ ଗାଁକୁ ଆଣି ପାରିନାହାନ୍ତି। ପରିବାରର ଆର୍ଥିକ ଅଭାବ ଯୋଗୁ ଅଧିକ ରୋଜଗାର ଆଶାରେ ଗତବର୍ଷ ଫେବୃଆରୀରେ ଉମାଶଙ୍କର ଦାଦନ ଖଟିବାକୁ ଚେନ୍ନାଇ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ କିଛି ଦିନ ତଳେ ହଠାତ୍ ଦେହ ଅସୁସ୍ଥ ହେବାପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଚେନ୍ନାଇର ଏକ ଡାକ୍ତରଖାନାରୁ ଫୋନ ଆସିବା ପରେ ପୁଅର ମୃତ୍ୟୁ ଖବର ଶୁଣି ଉମାଶଙ୍କରଙ୍କ ମା',ବାପା ଭାଙ୍ଗି ପଡିଥିଲେ। ଅର୍ଥ ନ ଥିବାରୁ ଏଯାଏ ପୁଅର ମୃତଦେହ ମଧ୍ୟ ଆଣିପାରି ନାହାନ୍ତି। ଏପରିକି ପୁଅର ଶେଷ ଦର୍ଶନ ମଧ୍ୟ କରିପାରିବେ କି ନାହିଁ ବୋଲି ମା'ଭାଙ୍ଗି ପଡିଛି। ଅନେକ ଆଶା ଓ ସ୍ୱପ୍ନ ନେଇ ଦାଦନ ଯାଇଥିବା ଉମାଶଙ୍କର ନିଜେ ଫେରି ପାରିଲେନି କି ତାଙ୍କ ମୃତଦେହ ମଧ୍ୟ ଘରକୁ ଫେରିଲାନି। ପଇସା ରୋଜଗାର ଆଶାରେ ଯାଇଥିବା ପୁଅକୁ ହରାଇ ଅଭାଗି ମା'ବାପା ଶେଷରେ ମୃତଦେହ ଗାଁକୁ ଆଣିବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କେବଳ ଉମାଶଙ୍କର ନୁହନ୍ତି ଜିଲାରେ କାମ ଧନ୍ଦା ନ ପାଇ ଅନେକ ଗରିବ ଲୋକ ଦୁଇ ପଇସା ରୋଜଗାର କରିବା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଅନେକ ଶ୍ରମିକ ନିର୍ଯାତନାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ସମ୍ନାକୁ ଆସିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାନୀୟ ଅଞ୍ଚଳରେ ଭଲ ରୋଜଗାର ଦିଅନ୍ତା ହୁଏତ ଦାଦନ ଯନ୍ତ୍ରଣାରୁ ନିଜେ ଓ ତାଙ୍କ ପରିବାର ବଞ୍ଚିଯାଆନ୍ତେ।

# ମାତୃଶକ୍ତି ସମ୍ମିଳନୀ ତପସ୍ୱିନୀର ବାର୍ଷିକ ଉତ୍ସବ



କଳାହାଣ୍ଡି ଲେଖିକା ସଂଘକୁ ସମ୍ମାନିତ କରାଯାଉଛି।

ଭବାନୀପାଟଣା,୨୧।୧(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ଲେଖିକା ସଂଘ ସମ୍ମାନିତ**

କଳାହାଣ୍ଡି ଜିଲା ମାତୃଶକ୍ତି ସମ୍ମିଳନୀ ତପସ୍ୱିନୀ ପକ୍ଷରୁ ରବିବାର ଭବାନୀପାଟଣା ଟାଉନ ହଲଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଭିନ୍ନ ମହିଳା ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସେଥିରୁ କଳାହାଣ୍ଡି ଲେଖିକା ସଂଘକୁ ସାହିତ୍ୟ କ୍ଷେତ୍ରରେ ସମାଜକୁ ବାର୍ତ୍ତା ଯୋଗାଇ ନାରୀ ସଚେତନତା ସୃଷ୍ଟି କରିପାରୁଥିବା ସହ ବିଭିନ୍ନ କ୍ଷେତ୍ରରେ ପ୍ରତିବର୍ଷ ନାରୀମାନଙ୍କୁ ସମ୍ମାନିତ କରୁଥିବା ଦୃଷ୍ଟିରୁ ସମ୍ମାନିତ କରାଯାଇଥିଲା। କଳାହାଣ୍ଡି ଲେଖିକା ସଂଘ କଳ୍ପିତା ନାମରେ ଏକ ବାର୍ଷିକ ପତ୍ରିକା ପ୍ରକାଶିତ ହୋଇଥାଏ ତଥା ସାରା ଓଡ଼ିଶାର ନାରୀ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥାଏ। ଏହି ପୁରସ୍କାର ଗ୍ରହଣ ସମୟରେ ସଂଘ ସଭାପତି ସୁଦେଷ୍ଣା ପଣ୍ଡା, ସମ୍ପାଦିକା କଳ୍ପନା ରଥ, ସହ ସମ୍ପାଦିକା ମିନତି ପ୍ରଧାନ, ଯୁଗ୍ମ ସମ୍ପାଦିକା ଦୀପ୍ତି ମୁଣ୍ଡ, କୋଷାଧ୍ୟକ୍ଷା ସବିତା ଶତପଥୀ,କାର୍ଯ୍ୟକାରିଣୀ ସଦସ୍ୟାମାନେ ବନଶ୍ରୀ ଦାସ, ନାହେଦା ଶାହୀନ, ସ୍ୱର୍ଣକାନ୍ତି ବୈକାର, ସବିତା ଦାସ, କବିତା ମୁଣ୍ଡ, ଆନନ୍ଦିନୀ ପାତ୍ର, ବାସନ୍ତୀ ସାହୁ, ସ୍ନେହଲତା ଷଡଙ୍ଗୀ, ପ୍ରେମ ଶୀଳା ବେହେରା, କାଜଲ ମହାରଣା, ଅର୍ଚ୍ଚନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ମଧ୍ୟାହ୍ନ ଭୋଜନ ସହାୟିକା ସଂଘର ବୈଠକ

ଖଡ଼ିଆଲ,୨୧।୧(ସୁଜିତ୍ କୁମାର ପ୍ରଧାନ)




ନୂଆପଡ଼ା ଜିଲା ଖଡ଼ିଆଳ ଇନ୍ଦ୍ରନଗରସ୍ଥିତ ଜିଲା ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟରେ ଓଡ଼ିଶା ମଧ୍ୟାହ୍ନ ଭୋଜନ ସହାୟିକା ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହାୟିକା ଧନମତି ଖରସେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଧନେଶର ବନ୍ଧିଛୋର ସଭାପତିତ୍ୱ କରିଥିବା ବେଳେ ଜିଲା ନିର୍ମାଣ ଶ୍ରମିକ ସଂଘ ନୂଆପଡ଼ାର ମୁଖ୍ୟ ଟୁଲୁ ବାବୁ ଓ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ରାଜ୍ୟ ସାଧାରଣ ସମ୍ପାଦିକା ଇଶାନି ଷଡ଼ଙ୍ଗୀ ଦାବି ଉପରେ ଆମୂଳଚୂଳ ଭାବେ ଆଲୋଚନା କରିଥିଲେ। ପାଚିକା ସହାୟିକାଙ୍କ ବକେୟା ଥିବା ଭତ୍ତା ଓ ପିଏମ ପୋଷଣ ଯୋଜନା ତାଲିମ ବକେୟା ପ୍ରାପ୍ୟ ପାଚିକା ସହାୟିକାମାନଙ୍କୁ ଯଥାଶୀଘ୍ର ପ୍ରଦାନ ପାଇଁ ଦାବି ହୋଇଥିଲା। ଆସନ୍ତା ଫେବୃୟାରୀ ୧୬ ତାରିଖରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ପାଚିକାମାନଙ୍କ ନିରାପତ୍ତା, ୪୫ତମ ଓ ୪୬ତମ ଶ୍ରମ ସମ୍ମିଳନୀରେ ସୁପାରିଶକୁ ଲେବର ଲରେ ପରିଣତ କରି କାର୍ଯ୍ୟକାରୀ କରିବା ପାଇଁ ଦାବି ହୋଇଥିଲା। ଏହାସହ ସର୍ବନିମ୍ନ ମଜୁରୀ ୨୬ ହଜାର ଭତ୍ତା ଟଙ୍କା, ପାଚିକାସହାୟିକାଙ୍କୁ ସରକାରି ମାନ୍ୟତା, ବର୍ଷକୁ ଦୁଇଖଣ୍ଡ ଶାଢ଼ୀ, ୧୨ ମାସର ବକେୟା ଦରମା, ପାଚିକା ସହାୟିକାମାନେ କେରଳ ରାଜ୍ୟରେ ୧୪ ହଜାର ପାଉଥିବା ବେଳେ ଆମ ରାଜ୍ୟର ସରକାର ଓ କେନ୍ଦ୍ର ସରକାର କାହିଁକି ବଞ୍ଚିତ କରୁଛନ୍ତି ସେ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଫେବୃଆରୀ ୧୬ ତାରିଖରେ ଓଡ଼ିଶାର ମଧ୍ୟାହ୍ନ ଭୋଜନ କର୍ମଚାରୀମାନେ ରୋଷେଇ ବନ୍ଦ କରି ଏମ୍‌ପିମାନଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ ଏବଂ ଫେବୃଆରୀ ୨୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ଉପରେ ବିଶଦ ଆଲୋଚନା ହୋଇଥିଲା।

# କଂଗ୍ରେସର ସାଙ୍ଗଠନିକ ବୈଠକ



ସାଙ୍ଗଠାନିକ ବୈଠକରେ ଅଂଶଗ୍ରହଣ କରିଥିବା କଂଗ୍ରେସ କର୍ମୀ ବୃନ୍ଦ।

କେସିଙ୍ଗା,୨୧।୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବାଲସି ଗ୍ରାମପଞ୍ଚାୟତ ଅଧୀନ ଜବାହର ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଶାବୁନ ବଗିଚାରେ କଂଗ୍ରେସ ବ୍ଲକ ସଭାପତି ରାହସ ସାହୁଙ୍କ ନେତୃତ୍ୱରେ ସାଂଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀ କଂଗ୍ରେସର ସାଗର ଚରଣ ଦାଶ ଯୋଗଦେଇଥିଲେ। ୨୦୨୪ ନିର୍ବାଚନୀରେ କିପରି କଂଗ୍ରେସକୁ ବିପୁଳ ସଂଖ୍ୟାରେ ବିଜୟ କରିବା ଉପରେ ଆଲୋଚନା କରିଥିଲେ। କଂଗ୍ରେସକୁ ମଜଭୁତ କରିବା, ଯୁବକଙ୍କ ରୋଜଗାରର ସମସ୍ୟା, ଚାଷୀଙ୍କ ସମସ୍ୟା ଦୂର କରିବା, ଶିଳ୍ପାଞ୍ଚଳ ପ୍ରତିଷ୍ଠା କରିବା ସହ ଦାଦନ ଶ୍ରମିକ ସମସ୍ୟା ଓ କପା ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ଉପସଭାପତି ଘନ ଗହୀର, ଜିଲା ଇନଚାର୍ଜ ତଥା ସାଧାରଣ ସମ୍ପାଦକ ବିଜୟ କୁମାର ଦୀପ, ଜୋନ ସଭାପତି ଦେବେନ୍ଦ୍ର ନାଏକ, ବାଲସି ପଞ୍ଚାୟତ ସଭାପତି କିଶନ ସାହୁ, ଲିଟୁ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

ସିନାପାଲି,୨୧।୧(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅର୍ନ୍ତଗତ ହାତୀବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଜୟନ୍ତୀ ବେହେରା ଓ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସଞ୍ଜୟ ମାଝି, ପୂର୍ବତନ ପ୍ରଧାନ ଶିକ୍ଷକ ପର୍ଶୁରାମ ମେହେର, ପ୍ରମୋଦ କୁମାର ପଣ୍ଡା, ପୂର୍ବତନ କିରାଣୀ ହନୁମାନ ବେହେରା, ବରିଷ୍ଠ ଶିକ୍ଷକ କମଳ ପ୍ରସାଦ ମିଶ୍ର, ଆଲୁମିନି ପ୍ରେସିଡେଣ୍ଟ ରମେଶ ମେହେର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ହିମାଦ୍ରୀ ମେହେର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ବେଷ୍ଟ ହାଉସ ଭାବେ ଉଦନ୍ତୀ ହାଉସକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କୌଶଳି କ୍ଲବ ମେଣ୍ଟର ରୂପେଶ କୁମାର ମେହେର, ସାହିତ୍ୟ ସୃଜନୀ ମେଣ୍ଟର ମନୋଜ ମାଝି, କ୍ରୀଡାଙ୍ଗନ କ୍ଲବ ମେଣ୍ଟର ଅନିଲ କୁମାର ମେହେର, ଜିଜ୍ଞାସା କ୍ଲବ ମେଣ୍ଟର୍ ସୁବାଷ ମେହେରଙ୍କ ସହ ଚନ୍ଦ୍ରମଣୀ ମେହେର, ପ୍ରିତିଶ କୁମାର ପ୍ରଧାନ, ନିପେନ୍ଦ୍ର ବାଗ, ନିଗମାନନ୍ଦ ମିଶ୍ର, ବୈଷ୍ଣବ ମେହେର, ଲକ୍ଷ୍ମୀକାନ୍ତ ମେହେର, ଜଗଦିଶ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଭୂମି ପୂଜନ, ଦେବଦମ୍ପତି ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଛତିକୁଡ଼ା/ରୁପ୍ରାରୋଡ୍,୨୧।୧
(ଦୀପକ ସାହୁ/ସଞ୍ଜିବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ଼ଠାରେ ଶାନ୍ତିକୁଞ୍ଜ ହରିଦାର ତଥା ଗାୟତ୍ରୀ ଶକ୍ତିପୀଠ ରପ୍ରାରୋଡ଼ର ତତ୍ତ୍ୱାବଧାନରେ ଫେବୃଆରୀ ୨୧ରୁ ଆରମ୍ଭ ହେବାକୁ ଥିବା ନାରୀ ସଶକ୍ତିକରଣ ରାଷ୍ଟ୍ର ଜାଗରଣ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ଦେବଦମ୍ପତି ସମ୍ମିଳନୀ ତଥା ଭୂମି ପୂଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୮ରୁ ଉର୍ଦ୍ଧ୍ୱ ଦମ୍ପତି ତଥା ଅଞ୍ଚଳର ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଅଶୋକ ପେଣ୍ଠୋଇ ସଞ୍ଚାଳନ କରିଥିଲେ। ଜିଲା ସଂଯୋଜକ ତପନ ସାହୁ, ଉପଯୋନ ସଂଯୋଜକ କେତନ ସିଂ ବାରିକ, ବ୍ଲକ ସଂଯୋଜକ ଅନୀଲ ଅଗ୍ରୱାଲ, ଚକ୍ଷୁ ବିଶେଷଜ୍ଞ ଡା ମମତା ଶର୍ମା, ଡା ସତ୍ୟ ପ୍ରକାଶ, ସୁବାସ ଅଗ୍ରୱାଲ ତଥା ଯଜ୍ଞ କମିଟି ସମସ୍ତ ସଦସ୍ୟ ସଦସ୍ୟା ଭାଗ ନେଇଥିଲେ। ସାଗରମଲ ଅଗ୍ରୱାଲ ମୁଖ୍ୟ ଯଜମାନ ଭାବେ ଭୂମି ପୂଜନ କରିଥିଲେ। ରୁପ୍ରାରୋଡ଼ ଗ୍ରାମବାସୀ ତଥା ବରଗାଁ, ବିଲାଟ, ଲାଖଗୁଡ଼ା, ବଲବସପୁର, ଫଲସାପଡ଼ା, ଭୀମକେଲା, କାଣ୍ଡେଲ ଆଦି ଗାଁର ଅନେକ ଦମ୍ପତି ଉପସ୍ଥିତ ଥିଲେ।

# ଫୁଟବଲ ଚାମ୍ପିୟନଶିପ: ବଗାଡ଼ ଚାମ୍ପିୟନ



ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

କୋକସରା,୨୧।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ନେଗିଗୁଡା ଖେଳ ପଡ଼ିଆରେ ମା' ଭଣ୍ଡାର ଘରଣୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ବଗାଡ଼ ଓ ଡ଼ହଗାଁ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ୨-୧ ଗୋଲରେ ବଗାଡ଼ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ସରପଞ୍ଚ ଜୟରାମ ନାଗ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ରାଜୀବ ଖମାରି, ୱାର୍ଡ଼ ସଭ୍ୟ ବାଲେକ ଖମାରି, ରମଣୀ ବାଗ, ଟେକାନ୍ତି ଗୋପାଳ ଯୋଗଦେଇ ଉଭୟ ବିଜେତା ବଗାଡ଼ ଓ ଉପବିଜେତା ଡହଗାଁ ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ତାପସ କୁମାର ଦାସ ଓ କ୍ଷୀରସିନ୍ଧୁ ବାଣୁଆ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଭୂପେନ୍ଦ୍ର ଗୋପାଳ, ଜଗମୋହନ ମାଝି ଲଇନମେନ ରହିଥିଲେ। ମା' ଭଣ୍ଡାର ଘରଣୀ କ୍ଲବ ସଭାପତି ଗୋମଲାଲ ଗୋପାଳ, ଚୈତନ୍ୟ ବାଗ, ମଦନ ନାଗ, ହଳଧର ବାଗ, ବିପିନ ବିହାରୀ ଗୋପାଳ, ସୁବାସ ଚନ୍ଦ୍ର ଗୋପାଳ ପ୍ରମୁଖ ସହଯୋଗ କରିଥିଲେ।

# ତେଲନଦୀ ପୋଲ ନିର୍ମାଣ କେବେ ହେବ ଆରମ୍ଭ

ରିଷିଡ଼ା,୨୧।୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପୌରକେଲା, ତାଣ୍ଡିଗାଁ ପୋଲ ନିର୍ମାଣ ପାଇଁ ଗତ ଦୁଇବର୍ଷ ତଳେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରି ତେଲନଦୀ ଉପରେ ପୋଲ ନିର୍ମଣ ପାଇଁ ମଞ୍ଜୁର କରିଥିଲେ। ହେଲେ ଅଦ୍ୟାବଧି ଏହି ପୋଲ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଏହି ପୋଲ ନିର୍ମାଣ ହେଲେ ରିଷିଡା, ତୁଷରା ସଂଯୋଗ ହେବ। ଫଳରେ ଦୂରତା ହ୍ରାସ ପାଇବ, ଏହି ପୋଲ ନିର୍ମାଣ ହେଲେ କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ଜନସାଧାରଣ ଉପକୃତ ହେବେ।

# ଧରଣୀ ମାଟି ମା' ଯାତ୍ରା ଉଦ୍‌ଯାପିତ

କୋକସରା,୨୧।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଛିଲିପାମାଲ ଗ୍ରାମରେ ପାଳିତ ହୋଇଛି ମାଟି ମା' ଧରଣୀ ଯାତ୍ରା। ଛିଲିପାମାଲ ଗ୍ରାମ ହେଉଛି କନ୍ଧ ସମ୍ପ୍ରଦାୟର ମାଟି, ମା' ଧରଣୀ ଦେବୀଙ୍କ ଯାତ୍ରା ଦୀର୍ଘ ୨୫ ବର୍ଷ ଅନ୍ତରାଳରେ ଛିଲିପାମାଲ ଗ୍ରାମରେ ଅନୁଷ୍ଠିତ ହୋଇଥିବା ବେଳେ ଗତ ୨୨ ଡିସେମ୍ବରରୁ ଏହା ଆରମ୍ଭ ହୋଇ ରବିବାର ପୋଢ଼ ବଳି ସହ ଉଦଯାପିତ ହୋଇଯାଇଛି। ଗାଁ ଗୌନ୍ତିଆ ବଳଭଦ୍ର ପଣ୍ଡା, ଗ୍ରାମ୍ୟ ପୂଝାରୀ ଅଗାଧୁ ପୂଝାରୀ, ଲକ୍ଷ୍ମଣ ପୂଝାରୀ, ଗାଁ ଗଣ୍ଡା ଟିକଚନ ଗଣ୍ଡା, ମୁଖ୍ୟ ଜାନି ଅର୍ଜୁନ ଜାନି, ନରିଆ ନିଳାମ୍ବର ନାଗଙ୍କ ତତ୍ତ୍ୱାବଧାନରେ ଶହ ଶହ ସଂଖ୍ୟକ ଆଦିବାସୀ ଯୁବକମାନେ ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ନାଚିନାଚି ବଳି ପଡ଼ିବାକୁ ଥିବା ପୋଢ଼ ଗ୍ରାମରେ ପରିକ୍ରମ କରିବା ପରେ ଗାଁ ନିକଟସ୍ଥ ଏକ ପଡ଼ିଆକୁ ନେଇ ଧରଣୀ ପେନୁଙ୍କ ନିକଟରେ ବଳି ଦେଇ ଅର୍ପଣ କରିଥିଲେ। ପରେ ମୃତ ପୋଢ଼କୁ ପୂର୍ବରୁ ଖୋଳାଯାଇଥିବା ଗାତରେ ପୋତି ଦିଆଯାଇଥିଲା। ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଆଦିବାସୀ ସଂସ୍କୃତିର ଗବେଷକ ତଥା ଅଧାପକ ଐରି ନାସନ ଚିନ୍ଦା, ସମ୍ମାନିତ ଅତିଥି ଭାବେ ବନମାଳୀ ବାଗ, ଶରତ ଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର ପଣ୍ଡା, ସଞ୍ଜୟ ସିଂହଲ, ରବି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ପୂଜା କମିଟି ସଭାପତି ରାଧାକାନ୍ତ ହଂସ, ଉପ ସଭାପତି ରୂପାଞ୍ଚଳ ପୁଞ୍ଜି, ସମ୍ପାଦକ ବଳଦେବ ଭୋଇ, ସହ ସମ୍ପାଦକ ଚନ୍ଦ୍ରହାସ୍ୟ ଚିନ୍ଦା, ଶ୍ରୀଧର ମାଝି, ପ୍ରଦୀପ କଟା, ପ୍ରବୀର ପଣ୍ଡା, ବିଶ୍ୱନାଥ ଧ. ମାଝି, ରାଜେଶ ଖର୍ସେଲ, ନିରଞ୍ଜନ ନାଏକ, ପଙ୍କଜ ଠାକୁର, ଗୋଲାପ ପୁଞ୍ଜିଙ୍କ ସମେତ ସ୍ୱେଚ୍ଛାସେବୀ ଯୁବକମାନେ ସହଯୋଗ କରିଥିଲେ।



ଆଦିବାସୀମାନେ ନାଚଗୀତରେ ମସଗୁଲ।

# ଆଦିବାସୀଙ୍କ ଅନନ୍ୟ ଟୋକୀମରା ପର୍ବ

ଲାଞ୍ଜିଗଡ଼/ଥୁଆମୂଳ ରାମପୁର,୨୧।୧
(ରମେଶ ଚନ୍ଦ୍ର ନାୟକ/ ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କାନକୁଟରୁ ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ କନ୍ଧବୋରି ଗ୍ରାମରେ ଆଦିବାସୀ ମାଟି ମା'ର ପୂଜା ଟୋକୀମରା ପର୍ବ ରବିବାର ସମ୍ପର୍ଣ୍ଣ ହୋଇଯାଇଛି। ଏହି ପର୍ବ ୩ ବର୍ଷରେ ଥରେ ପାଳନ କରାଯାଇଥାଏ। ଗାଁର ଧରଣୀ ପୀଠକୁ ବାଉଁଶରେ ସଜାଯିବା ସହିତ ବର୍ଷ ତମାମ ନିଜ ପରିଶ୍ରମରେ ଉତ୍ପାଦିତ ଶସ୍ୟ ଧରଣୀ ଦେବୀ ଅର୍ପଣ ତଥା ମାଟି ଦେବତାଙ୍କୁ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଭଲ ଚାଷବାସ ସହିତ ପରିବାର ଓ ଗୃହ ପାଳିତ ପଶୁଙ୍କ ମଙ୍ଗଳ କାମନା ପୂର୍ବକ ପାଳିତ ହେଉଥିବା ଏହି ପର୍ବ ପାଳନ କରାଯିବା ପୂର୍ବରୁ ଗାଁ ଗୌନ୍ତିଆ ଗୋବିନ୍ଦ ମାଝି ବିଭିନ୍ନ ଅଞ୍ଚଳରୁ ଜାନୀମାନଙ୍କୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରିତ ୭ ଜଣ ଜାନୀ (ପୂଜକ) ପୂଜାର ଦିନକ ଆଗରୁ ଆସି ଧରଣୀ ଗୁଡ଼ିରେ ଧୂପ ଦୀପ ଜାଳିବା ସହ ଧରଣୀ ଦେବୀ ତଥା ପାର୍ଶ୍ୱ ଦେବତାମାନଙ୍କୁ କୁଇ ଭାଷାରେ ମନ୍ତ୍ର



ଲାଞ୍ଜିଗଡ ବ୍ଲକ କନ୍ଧବୋରି ଗ୍ରାମରେ ଆଦିବାସୀ ମାଟି ମା'ର ପୂଜା ଟୋକୀମରା ପର୍ବ।

ଉଚ୍ଚାରଣ କରି ଅହୋରାତ୍ର ଆବାହନ କରିଥିଲେ। ପୂର୍ବପୁରୁଷ ଓ ଦେବଦେବୀଙ୍କୁ ଦିବାରାତ୍ର ଆବାହନ ପରେ ରବିବାର ଗାଁ ମଝିରେ ଥିବା ଧରଣୀଗୁଡ଼ିରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନାଚଗୀତ କରି ଧରଣୀ ଦେବୀଙ୍କୁ ଶାନ୍ତ କରିବା ପାଇଁ ପୋଢ଼ବଳି ଦେଇଥିଲେ। ସୂଚନାନୁସାରେ ଏହି ପର୍ବରେ ପୂର୍ବରୁ ନରବଳି ଦିଆଯାଉଥିଲା ଏବଂ ସମୟାନୁକ୍ରମେ ଏହା ବଦଳି ଯାଇଥିବାବେଳେ ବର୍ତ୍ତମାନ ପୋଢ଼ ବଳି ଦିଆଯାଉଛି ଏବଂ ସେହି ପୋଢବଳି ପର୍ବକୁ ଟୋକୀମରା ପର୍ବ କୁହାଯାଉଛି। ପୂଜାରେ ଜାନୀ ବାୟା ମାଝି, ପୁଙ୍ଗୁରି ମାଝି, ଚନ୍ଦ୍ର ମାଝି, ସମ୍ଭା ମାଝି, ରଷି ମାଝି, ଶୁକ୍ରୁ ମାଝି ପ୍ରମୁଖ ପୂଜାର୍ଚ୍ଚନାରେ ସାମିଲ ଥିଲେ। ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, କାନକୁଟରୁ ସମିତି ସଭ୍ୟ ମନୋହର ହରପାଲ, କୈଳାସ ସାହୁ, ପରେଶ କୁମାର ନାୟକ, ରମେଶ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। କାନକୁଟୁ ସରପଞ୍ଚ ବନମାଳି ମାଝିଙ୍କ ନେତୃତ୍ୱରେ କନ୍ଧବୋରି ଗ୍ରାମବାସୀ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଥୁଆମୂଳ ରାମପୁର ବ୍ଲକର ନିଚେମସ୍କା, ଖମାରପଦର, ତଲଝାପି, ଲାଠିଆଗୁଡ଼ା, କନ୍ଦାଝାପି, ଖମାର ପଦର, ତୁନାପାରି, ତୁକଗୁଡା, କାଠଘରା, କିଁକିଚା, ଏବଂ ଥୁଆମୂଳ ରାମପୁରସ୍ଥିତ ସମାଗୁଡାରେ ଟୋକି ପର୍ବ ଶେଷ ହୋଇଯାଇଛି। ଉତ୍ସବ ନିର୍ଦ୍ଦେଶକ ମାଣିକ୍ୟ ଚନ୍ଦ୍ର ନାଏକ, ଆମର ସିଂ ମାଝି, ପରମେଶ୍ୱର ନାଏକ, ଗୁନେଶ୍ୱର୍ ନାଏକ, ଉତ୍ସବ ସଭାପତି ହିତେଶ କୁମାର ନାଏକ, ଉପସଭାପତି ରାମଚନ୍ଦ୍ର ମାଝି, ସମ୍ପାଦକ ବିଜୟ ମାଝି, ଉପ ସମ୍ପାଦକ ଯଜ୍ଞାସେନ ମାଝି, କୋଷାଧ୍ୟକ୍ଷ ଭୂପେନ୍ଦ୍ର ମାଝି ପ୍ରମୁଖ ପରିଚାଳନା କରିଥିବା ବେଳେ ଅଜୟ ମାଝି, କୃଷ୍ଣ ମାଝି, ଅନ୍ତ ମାଝି, ବୈଳଚନ ମାଝି, ମଳୟ ମାଝିଙ୍କ ସମେତ ଗ୍ରାମର ବହୁ ବୁଦ୍ଧିଜୀବୀ ଜନସାଧାରଣ ସହଯୋଗ କରିଥିଲେ।

## ଆଜିର କାର୍ଯ୍ୟକ୍ରମ

୨୨।୧।୨୦୨୪ (ସୋମବାର)

**ମଥୁରାନଗରୀ**

- ଶ୍ରୀକୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୂରଙ୍କ ଗୋପପୁର ଗମନ, ଇନ୍ଦ୍ରଙ୍କ ସହିତ ଯୁଦ୍ଧ ଓ ବନ୍ଦୀ, ଯମପୁର ଆକ୍ରମଣ, କଂସଙ୍କ ନଗର ଭ୍ରମଣ ।

**ଗୋପପୁର**

- ଶ୍ରୀକୃଷ୍ଣଙ୍କ ଗିରି ଗୋବର୍ଦ୍ଧନ ଧାରଣ, ଅକ୍ରୂରଙ୍କ ଗୋପପୁର ପ୍ରବେଶ, ଯମୁନା ନଈରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦର୍ଶନ, କୃଷ୍ଣ ବଳରାମଙ୍କ ସହ ଅକ୍ରୂରଙ୍କ ସାକ୍ଷାତ।



ମଥୁରା ଭ୍ରମଣ ବାଟରେ ପିଲାମାନେ କଂସଙ୍କ ସହିତ ହାତ ମିଳାଉଛନ୍ତି ।



ନାବକେଳି ଦୃଶ୍ୟାଭିନୟ ପାଇଁ ରାଧାକୃଷ୍ଣ ମନାବନ୍ଧ ଅଭିମୁଖେ ଆସୁଛନ୍ତି ।

# କଂସଙ୍କ ଦୁର୍ଗାସ୍ତୁତି, ରାଧାକୃଷ୍ଣଙ୍କ ନାବକେଳି

ମଥୁରାନଗରୀ/ଗୋପପୁର,୨୧।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବର ରବିବାର ସପ୍ତମ ଦିବସରେ ଗୋଟିଏ ପଟେ ରାଧାକୃଷ୍ଣଙ୍କ ନାବକେଳି ଏବଂ ଅନ୍ୟପଟେ ଶୂନ୍ୟବାଣୀ ଶୁଣିବା ପରଠାରୁ ବିଚଳିତ କଂସ ମହାରାଜଙ୍କ ଦୁର୍ଗାସ୍ତୁତି ଦୃଶ୍ୟାଭିନୟ ଦେଖିବାକୁ ଦର୍ଶକଙ୍କ ଗହଳି ହୋଇଥିଲା। ରାଧାକୃଷ୍ଣଙ୍କୁ ନେଇ ଗୋପପୁରବାସୀ ଶୋଭାଯାତ୍ରାରେ ମନାବନ୍ଧ ଅଭିମୁଖେ ବାହାରିଥିଲେ। ପ୍ରତିଘର ସମ୍ମୁଖରେ ଜଳପୂର୍ଣ୍ଣ କଳସ ରଖି ରାଧାକୃଷ୍ଣଙ୍କୁ ସ୍ୱାଗତ କରାଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶ୍ରୀକୃଷ୍ଣଙ୍କ କାନ୍ଧେଇ କିଛିଦୂର ଆସିଥିଲେ। ମନାବନ୍ଧ(ଜଳାଶୟ)ରେ ପହଞ୍ଚିବା ପରେ ସୁସଜ୍ଜିତ ଡଙ୍ଗାରେ ରାଧାକୃଷ୍ଣ ବସିଥିଲେ। ନାଉରିଆ କାତ ମାରି ରାଧାକୃଷ୍ଣଙ୍କୁ ଜଳାଶୟ ଚାରିପାଖ ପରିକ୍ରମା କରାଇଥିଲେ। ଏହି ସମୟରେ ମନାବନ୍ଧର ଚତୁଃପାର୍ଶ୍ୱ ଲୋକାରଣ୍ୟ ହୋଇପଡ଼ିଥିଲା ।

ଅନ୍ୟପଟେ କଂସ ମହାରାଜ ଅନ୍ୟଦିନ ଭଳି ରାଜମହଲରୁ ମଥୁରା ପରିଭ୍ରମଣରେ ବାହାରିଥିଲେ। ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡିଆ ପଡ଼ିଆର ରଙ୍ଗମହଲକୁ ଆସି ସେ ନୃତ୍ୟରେ ମସଗୁଲ ହୋଇଥିଲେ। ସେହିପରି ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ସେ ହାଟପଦାସ୍ଥିତ ରାଜଦରବାର ଅଭିମୁଖେ ଯାଇଥିଲେ। ହାଟପଦା ଦୁର୍ଗା ମନ୍ଦିରରେ କଂସ ମହାରାଜ ଦୁର୍ଗାସ୍ତୁତି କରିଥିଲେ। ପରେ ସେ ରାଜଦରବାରକୁ ଯାଇ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଷଡ଼ଜନ୍ତ୍ର ରଚିଥିଲେ। ଏହି କ୍ରମରେ ସେ ଧନୁଯାତ୍ରା ଆୟୋଜନ କରିବାର ନିଷ୍ପତ୍ତି ନେଇଥିଲେ ଏବଂ ଧନୁଯାତ୍ରାକୁ କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ମହାମନ୍ତ୍ରୀ ଅକ୍ରୂରଙ୍କୁ ଗୋପପୁର ପ୍ରେରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ରାଜ ଦରବାର ପାଲଟିଥିବା ହାଟପଦା ମଞ୍ଚରେ ସୋମବାରଠାରୁ ରଙ୍ଗମହଲ ଦୃଶ୍ୟାଭିନୟ ଏବଂ ରଙ୍ଗମହଲ ପାଲଟିଥିବା ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆ ମଞ୍ଚରେ ରାଜଦରବାର ଦୃଶ୍ୟାଭିନୟ ଅଭିନୀତ ହେବ।



ମନାବନ୍ଧରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ।

## ସଂକ୍ଷେପରେ

### ହାଇୱା ଚାପାରେ ଛାତ୍ର ମୃତ

**ମଥୁରାନଗରୀ,୨୧।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା କମଗାଁ ହାଇସ୍କୁଲ ସମ୍ମୁଖରେ ଶନିବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମପୁର ଉପଖଣ୍ଡ ସିଂହେନପାଲି ଗ୍ରାମର ବିକାଶ ନାଏକ(୧୭)। ସେ କମଗାଁ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ଥିଲେ। ସେ ଗ୍ରାମର ଏକ ମେସ୍‌ରେ ରହି ପାଠ ପଢୁଥିଲେ। ଶନିବାର ରାତିରେ ସାଙ୍ଗସାଥୀଙ୍କ ସହିତ ବୁଲିବାକୁ ବାହାରିଥିବାବେଳେ ଦ୍ରୁତବେଗରେ ଆସୁଥିବା ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଭଟଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ କରୁଛି ।

### ଝାରବନ୍ଧରେ କିଶୋରୀ ମେଳା

**ଝାରବନ୍ଧ,୨୧।୧(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ କାର୍ଯ୍ୟାଳୟ ମିଶନ ଶକ୍ତି ସଭା ଗୃହରେ ଶନିବାର କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ସିଡିପିଓ ସନ୍ଧ୍ୟାରାଣୀ ନେପାକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ସୁନୀଲ କୁମାର ନାୟକ, ବିପିଏମ୍ ସତ୍ୟ କୁମ୍ଭାର, ସୁପରଭାଇଜର ସୂର୍ଯ୍ୟକାନ୍ତି ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। କିଶୋରୀମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ସହିତ ଏହି ବୟସରେ ମାନସିକଚିନ୍ତାଧାରା କିପରିଠିକ୍‌ରହିବ ଏବଂ ପରିବାର ପ୍ରତି ଯତ୍ନବାନ ହୋଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ସରକାର କିଶୋରୀମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି ବୋଲି ସିଡିପିଓ ନେପାକ କହିଥିଲେ। ଏହି ଅବସରରେ କିଶୋରୀମାନଙ୍କୁ ନେଇ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଳ୍ପନା ବାଗ, ରକ୍ମିଣୀ ରଣା, ଦମୟନ୍ତୀ କୁଅଁର, ମନୋରମା ତାଣ୍ଡି, ନୟନ୍ଧି କୁମ୍ଭାର, ନିମାଇଁ ଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ମାର୍ଜାର କେଶରୀ ସଞ୍ଚାର କଳାକାର ସମାବେଶ

ପଦ୍ମପୁର,୨୧।୧(ପ୍ରଦୀପ୍ତ ଦାଶ ): ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଅଲେଖ ମହିମା ଆଶ୍ରମ ପରିସରରେ ମାର୍ଜାର କେଶରୀ ସଞ୍ଚାର କଳାକାରମାନଙ୍କ ଏକ ସମାବେଶ ବାୟକ ଡୋଲାମଣି ପଟେଲଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। କଳସ ସ୍ଥାପନ ସହ ପୂଜାର୍ଚ୍ଚନା ପରେ ସଂଘ ସଭାପତି ବିଭୀଷଣ ସାହୁ, ଉପ ସଭାପତି କର୍ପୁର୍ଚନ ଛତର, ସମ୍ପାଦକ ଗଣେଶ ସୁନା, ସହ ସମ୍ପାଦକ ସନ୍ତୋଷ ବରିହା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସଙ୍ଗଠନ, କଳାକାର ଭତ୍ତା, ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାରରେ ସଞ୍ଚାର କଳାକାରଙ୍କୁ ସାମିଲ କରିବାକୁ ଆଲୋଚନା କରିଥିଲେ। ଦୁର୍ଲ୍ଲଭ ହରିପାଲ, ମୋହନଲାଲ ବାଲମ, ତାରାଚନ ସୁନା, ସୁରେନ୍ଦ୍ର ବରିହା ପ୍ରମୁଖ ସହଯୋଗ କରିଥିଲେ। ବାବା ସୁମନ୍ତ ଦାସ ଆଶୀର୍ବଚନ ପ୍ରଦାନ କରିଥିଲେ।

## ଧନୁଯାତ୍ରାଃ କିଛି କଥା, କିଛି ବ୍ୟଥା

**ସଞ୍ଚାର ନ୍ୟୁନ, ଆଧୁନିକ ନୃତ୍ୟ ମହାନ୍**

ପଶ୍ଚିମ ଓଡ଼ିଶାର ଲୋକକଳା ମଧ୍ୟରୁ ସଞ୍ଚାର ଅନ୍ୟତମ। କିନ୍ତୁ ଦିନକୁ ଦିନ ଧନୁଯାତ୍ରା ମହୋତ୍ସବରେ ସଞ୍ଚାର ନ୍ୟୁନ ହୋଇପଡୁଛି। ଧର୍ମକୁ ଆଖିଠାର ଭଳି ମହୋତ୍ସବ ସମିତି ସଞ୍ଚାର କଳାକାରଙ୍କୁ ସୁଯୋଗ ଦେଉଥିବାବେଳେ ଧନୁଯାତ୍ରାରେ ଆଧୁନିକତାର ଛାପ ବଢ଼ି ଚାଲିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସମ୍ବଲପୁରୀ ଭାଷାରେ ଧନୁଯାତ୍ରା କଥା ଉଠିଲେ ପରମ୍ପରା କଥା ଉଠୁଛି । ହେଲେ ମୋବାଇଲରେ ଗୀତ ଲଗାଇ ଦରବାରରେ ସିନେ ତାରକାଙ୍କ ଦ୍ୱାରା ଆଧୁନିକ ନୃତ୍ୟର ଝଲକ୍ ପ୍ରଦର୍ଶନ ଧନୁଯାତ୍ରା ପରମ୍ପରାରେ ନ ଥିବାବେଳେ ତାହା ଏବେ ପରିଲକ୍ଷିତ ହେଉଛି। ଶନିବାର ରଙ୍ଗ ମହଲରେ ରାଜ ଅତିଥି ଭାବେ ଯୋଗଦାନ କରିଥିବା ସିନେ ତାରକା ଏଭଳି କିଛି ନୃତ୍ୟର ଝଲକ୍ ଦେଖାଇବା ପରେ ତାହା ଏବେ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି। ଏହା କଣ ଧନୁଯାତ୍ରା ପରମ୍ପରା ବୋଲି ଅନେକ କମେଣ୍ଟ ବକ୍ସରେ ସମାଲୋଚନା କରୁଥିବା ଦେଖିବାକୁ ମିଳିଛି।

**ଶ୍ରୀ ହରାଇଲା ପଲ୍ଲିଶ୍ରୀ ମେଳା**

ଧନୁଯାତ୍ରା ମହୋତ୍ସବରେ ପଲ୍ଲିଶ୍ରୀ ମେଳାର ଏକ ଭିନ୍ନ ଆକର୍ଷଣ ରହିଥାଏ। ବିଭିନ୍ନ ଏସ୍‌ଏଚ୍‌ଜି ନିଜ ପ୍ରସ୍ତୁତ ସାମଗ୍ରୀ ଏଠାରେ ବିକ୍ରି କରିଥାନ୍ତି। ଝାଡୁଠାରୁ ଆରମ୍ଭ କରି ପଟି, ମାଣ୍ଡିଆ, ଡ଼ାଲି, ମାଣ୍ଡିଆରୁ ପ୍ରସ୍ତୁତ ପିଠା ଆଦି ସାମଗ୍ରୀ ଏଠାରେ ଉପଲବ୍ଧ ହୋଇଥାଏ। ଧନୁଯାତ୍ରାରେ ବିକ୍ରିବଟା କରି ଏସ୍‌ଏଚ୍‌ଜି ଗୁଡ଼ିକ କିଛି ରୋଜଗାର କରି ସ୍ୱାବଲମ୍ବୀ ମଧ୍ୟ ହୋଇଥାନ୍ତି। ପୂର୍ବରୁ ଏହି ପଲ୍ଲିଶ୍ରୀ ମେଳା ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲି ଆସୁଥିଲା। ହେଲେ ଚଳିତବର୍ଷ ଏହି ମେଳାକୁ ଜର୍ଜ ହାଇସ୍କୁଲ ପଡ଼ିଆରୁ ଜିରା ନଦୀ ପଠାକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ଜର୍ଜ ହାଇସ୍କୁଲ ପଡ଼ିଆର ଯେଉଁଠି ପଲ୍ଲିଶ୍ରୀ ମେଳା ହେଉଥିଲା, ସେହି ଜାଗାକୁ ନିଲାମରେ ଅନ୍ୟମାନଙ୍କୁ ଦିଆଯାଇଛି। ସେହି ଜାଗା ନିଲାମ ଦ୍ୱାରା ପୂର୍ବାପେକ୍ଷା ଧନୁଯାତ୍ରା ମହୋତ୍ସବକୁ କିଛି ଅଧିକ ଅର୍ଥ ମିଳିଥିବ ସତ, କିନ୍ତୁ ଏଭଳି ସ୍ଥଳେ ପଲ୍ଲିଶ୍ରୀ ମେଳାରେ ଭାଗ ନେଇଥିବା ଏସ୍‌ଏଚ୍‌ଜିଙ୍କ ଆଗଭଳି ରୋଜଗାର ହେଉ ନ ଥିବା କୁହାଯାଉଛି। ଏପରିକି ରବିବାର ହୋଇଥିବା ବର୍ଷାରେ ଜିରା ନଦୀ ପଠାରେ ପଲ୍ଲିଶ୍ରୀ ମେଳା ଧୋଇ ଯାଇଛି ଏବଂ ସେଠାରେ ଷ୍ଟଲ ଖୋଲିଥିବା ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ନାହିଁ ନ ଥିବା ହଟହଟା ହେବାକୁ ପଡ଼ିଛି ।

**ଧାନ ସମସ୍ୟା ଭୁଲିଗଲେ, ସିଡିଏମ୍‌ଓଙ୍କୁ ଧୋଇଦେଲେ**

ଧନୁଯାତ୍ରା ମହୋତ୍ସବରେ ଶନିବାର ହୋଇଥିବା ରଙ୍ଗସଭା ଏକ ପ୍ରମୁଖ ଦୃଶ୍ୟାଭିନୟ। ଏହାକୁ ଦେଖିବା ପାଇଁ ଅଧିକ ଭିଡ଼ ପରିଲକ୍ଷିତ ହୋଇଥାଏ। ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଜନତା ଦରବାର ଭାବେ ପରିଚିତ ରଙ୍ଗସଭାରେ ବିଦୂଷକ ମଥୁରାନଗରୀର ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ପରେ କଂସ ମହାରାଜ ଉପସ୍ଥିତ ଅଧିକାରୀଙ୍କୁ କୈଫିୟତ ତଲବ କରିଥାନ୍ତି। ସମ୍ପୃକ୍ତ ଅଧିକାରୀଙ୍କୁ ଦଣ୍ଡିତ କରିବା ସହିତ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଭାତହାଣ୍ଡି ଭାବେ ପରିଚିତ ମଥୁରାନଗରୀରେ ଅବ୍ୟବସ୍ଥିତ ଧାନ ବିକ୍ରିବଟା ଏକ ପ୍ରମୁଖ ସମସ୍ୟା। ରଙ୍ଗସଭାରେ ବିଦୂଷକ ଧାନ ବିକ୍ରିବଟା ସମସ୍ୟା ସହିତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନାର ସୁଫଳ ମଥୁରାବାସୀଙ୍କୁ ଅପହଞ୍ଚ ହୋଇ ପଡ଼ିଥିବା ନେଇ ମହାରାଜଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ତେବେ ଏହି ଯୋଜନାରେ ଗହମ ଯୋଗାଣ ବନ୍ଦ ନେଇ କଂସ ମହାରାଜ ଉପସ୍ଥିତ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀଙ୍କୁ ତାଗିଦ୍ କରିଥିବାବେଳେ ଧାନ ବିକ୍ରିବଟା ସମସ୍ୟା ନେଇ ସମ୍ପୂର୍ଣ୍ଣ ନୀରବ ରହିଥିଲେ । ଅନ୍ୟପଟେ ଅନେକ ପ୍ରଶ୍ନ ପଚାରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମଓ)ଙ୍କୁ ଧୋଇ ଧେଇଥିଲେ। ଧନୁଯାତ୍ରାରେ ୧୧ଦିନର କଂସ ମହାରାଜ ପାଲଟୁଥିବା ଅଭିନେତା ହୃଷୀକେଶ ଭୋଇ ବାକିଦିନ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ଡ୍ରାଇଭର ଭାବେ କାର୍ଯ୍ୟରତ। ଅଥଚ ରଙ୍ଗସଭାରେ ଜିଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଙ୍କୁ ପ୍ରଶ୍ନବାଣରେ ଘାଇଲା କରିଦେବା ଚର୍ଚ୍ଚାର ବିଷୟ ହୋଇଛି।

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ମଥୁରାନଗରୀ**

## ଭାଷା ସାହିତ୍ୟ ସମ୍ମିଳନୀ, ବାର୍ଷିକ ଉତ୍ସବ ପୁଲକ




ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଉଲୁଣ୍ଡା,୨୦।୧(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚମହଲା ଶ୍ରୀଗଣେଶ୍ୱର ହାଇସ୍କୁଲରେ ରବିବାର ଭାଷା ସାହିତ୍ୟ ସମ୍ମିଳନୀ ଓ ବାର୍ଷିକ ଉତ୍ସବ ପୁଲକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲାଲବାବୁ ସେଠୀଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ଶାନ୍ତିଲତା ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ଯଜ୍ଞେଶ୍ୱରୀ ପୂଝାରୀ ଯୋଗଦେଇ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଅଶୋକ ପଣ୍ଡା, ସମିତି ସଭ୍ୟା ରେବତୀ ସୁରୁଜାଲ, ଉରୁକ୍ରମ ପାଣ୍ଡିଆ, ଶିକ୍ଷାବିତ ପୂର୍ଣଚନ୍ଦ୍ର ମହାର, ଅଭିଭାବକ ସଂଘ ସଭାପତି କୈଳାସ ପୁରୋହିତ, ପୁରାତନ ଛାତ୍ର ପ୍ରତିନିଧି ଅରବିନ୍ଦ ବଣ୍ଡକି ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଛାତ୍ରୀଛାତ୍ର ରାହୁଲ ପଧାନ, ସୁପ୍ରିୟା ଖୁଣ୍ଟୁଲି, ଷ୍ଟୁଡେଣ୍ଟ ଅଫ ଦି ଇଅର ଭାବରେ ପ୍ରଜ୍ଞା ପାଣ୍ଡିଆଙ୍କ ସମେତ ଅନ୍ୟମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ରୋହିତ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ ମୋ କଥା ମୋ କାହାଣୀ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦିଲ୍ଲୀପ ସାହୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

ଭେଡ଼େନ,୨୧।୧ (ସୁଦନ ମହାକୁର)

ଭେଡ଼େନ ଥାନା ରକ୍ସୁଡ଼ା ଫାଣ୍ଡି ଅର୍ନ୍ତଗତ ଉଦେପୁର ଗ୍ରାମରେ ବିଦ୍ୟୁତ୍ ବିଲ୍ ଆଦାୟକୁ କେନ୍ଦ୍ରକରି କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶୁଭେନ୍ଦୁ ମହାପାତ୍ର (୨୬ ) ଏବଂ କାମଦେବ ମହାପାତ୍ର (୨୧)। ଉଭୟଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ.୧୯/୨୪) ରୁଜୁ ହୋଇଛି। ପ୍ରକାଶ ଯେ, ଖୁଣ୍ଟୁଲିପାଲି ସେକ୍ସନର କନିଷ୍ଠ ଯନ୍ତ୍ରୀ ତାରିଣୀ ପ୍ରସାଦ ଦାଶଙ୍କ ନେତୃତ୍ୱରେ ବିଦ୍ୟୁତ୍ କର୍ମଚାରୀମାନେ ବକେୟା ବିଲ୍ ଆଦାୟ କରିବା ପାଇଁ ଶନିବାର ଉଦେପୁର ଗ୍ରାମକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଅତର୍କିତ ଭାବେ କାଠ ଫାଳିଆରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବିଦ୍ୟୁତ୍ କର୍ମଚାରୀ ପପୁନ ଦନ୍ତା ଏବଂ ଶୁଭେନ୍ଦୁ ଦାଶ ଗୁରୁତର ହୋଇଥିଲେ। ରକ୍ସୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ଯଜ୍ଞ



ସରେଇକେଲାଠାରେ କଳସ ଶୋଭାଯାତ୍ରା ଚାଲିଛି।

ପଦ୍ମପୁର,୨୧।୧(ପ୍ରଦୀପ୍ତ ଦାଶ)

ଅଯୋଧ୍ୟାସ୍ଥିତ ଶ୍ରୀରାମ ମନ୍ଦିର ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ପଦ୍ମପୁର ସରେଇକେଲାରେ ଆୟୋଜିତ ଚତୁଃ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସରେଇକେଲା ବିମଳେଶ୍ୱର ବାବାଙ୍କ ମନ୍ଦିର ପରିସରରୁ ଅଭିମନ୍ତ୍ରିତ କଳସ ଗୁଡ଼ିକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିରେ ବିକାଶ କୁମାର ସାହୁ ଓ ସ୍ତ୍ରୀ ବିନ୍ଦୁ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସୋମବାର ଚତୁଃ ପ୍ରହର ନାମ ସଂକୀର୍ତ୍ତନ ହେବ।

## କ୍ରିକେଟ୍: କଟାପାଲି ଦଳ ଚାମ୍ପିୟନ

ବରପାଲି,୨୧।୧(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ବନ୍ଧପାଲି କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ତୃତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ୍ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ବଲାଙ୍ଗୀର ଓ କଟାପାଲି ଦଳ ମଧ୍ୟରେ ହୋଇ କଟାପାଲି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଲିମିଟେଡ୍ ଉପସଭାପତି ବିରୋସନ ସାହୁ, ସମ୍ମାନିତ ଅତିଥି ଭାବେ ବରପାଲି ପାକ୍ସ ସଭାପତି ଗୁରୁ ମେହେର, ସନତ ଗଡତିଆ, ଆନନ୍ଦ ମେହେର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଗଜପତି ମେହେର, ପିଙ୍କୁ ବେହେରା, ପପୁ ଦାଶ ଓ ମଣ୍ଟୁ ଗହିର ଖେଳ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ମେହେର, ହରି ମେହେର, ରଞ୍ଜୁ ମେହେର, ଲଳିତ ମେହେର ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଆନ୍ଦୋଳନ ଚେତାବନୀ

ମଥୁରାନଗରୀ,୨୧।୧(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଦାବି ସମୂହକୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବରଗଡ଼ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏହି କ୍ରମରେ ଶନିବାର ସଂଘ ପକ୍ଷରୁ ବରଗଡ଼ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ଦାବି ସମୂହ ପୂରଣ ନେଇ ବିହିତ ପଦକ୍ଷେପ ନିଆ ନ ଗଲେ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଆସନ୍ତା ୨୫ତାରିଖରୁ କଳାବ୍ୟାଜ୍ ପରିଧାନ କରିବେ ସହିତ ପ୍ରତିବାଦ କରିବେ । ଆବଶ୍ୟକ ହେଲେ କଲମ ଛାଡ଼ ଆନ୍ଦେଳନ କରିବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି। ସଂଘ ସଭାପତି ଲୋକନାଥ ଭୋଇ, ସମ୍ପାଦକ ନରୋତ୍ତମ ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା, ସଭ୍ୟ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଯାଇଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ଗଛରୁ ପଡି ଯୁବକ ମୃତ

ରାଉରକେଲା,୨୧।୧(ଦିନେଶ ମିଶ୍ର): ଗଛରୁ ପଡିଯିବାରୁ ବିରକେରା ମୁଣ୍ଡାବସ୍ତିର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଶୁକ୍ରା ମୁଣ୍ଡାରୀ (୩୪)। ଶନିବାର ବିଳମ୍ବିତ ରାତିରେ ବର୍ଷା ସାଙ୍ଗକୁ ଝଡ ତୋଫାନ ହେବାରୁ ଶୁକ୍ରାଙ୍କ ଘର ନିକଟ ଏକ ଆମ୍ବଗଛର ଡାଳ ଭାଙ୍ଗି ଝୁଲୁଥିଲା। ଏହି ଡାଳ ଗଛରୁ କେତେବେଳେ କାହା ଉପରେ ପଡିବ ଭାବି ରବିବାର ଶୁକ୍ରା ଗଛ ଚଢି ଡାଳ କାଟୁଥିବାବେଳେ ହଠାତ ଗୋଡ ଖସି ଯିବାରୁ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଛାତିରେ ଜୋରରେ ଆଘାତ ଲାଗିଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ଆରଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ମୃତ୍ୟୁ ହୋଇଥିଲା।

### ମନ୍ଦିରରୁ ଅଳଙ୍କାର ଚୋରି

ରାଉରକେଲା,୨୧।୧(ସଙ୍ଗୀତା ଜେନା): ଉଦିତନଗର ଥାନା ଅନ୍ତର୍ଗତ ସିଂହାସିନୀ ମନ୍ଦିରରୁ ଠାକୁରଙ୍କ ସୁନାରୂପା ଅଳଙ୍କାର ଶନିବାର ରାତିରେ ଚୋରି ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୦/୨୪) ରୁଜୁ କରି ତଦନ୍ତ କରୁଛି। ଶନିବାର ମନ୍ଦିର ବନ୍ଦ କରି ପୂଜକ ଘରକୁ ଯାଇଥିଲେ। ରବିବାର ସକାଳୁ ଆସିବା ପରେ ମନ୍ଦିର ଗେଟ୍ ଭାଙ୍ଗି କେହି ଦୁର୍ବୃତ୍ତ ଠାକୁରଙ୍କ ରୂପା ମୁକୁଟ, ନାକ, କାନର ସୁନା ଅଳଙ୍କାର ଚୋରି କରି ନେଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୂଜକ କାର୍ତ୍ତିକ ମିଶ୍ର ଥାନାରେ ଅଭିଯୋଗ କରିଥିଲେ।

### ରାଜଗାଙ୍ଗପୁରରେ ଶାନ୍ତି କମିଟି ବୈଠକ

ରାଜଗାଙ୍ଗପୁର,୨୧।୧(ଅଶୋକ ପାଣି): ଅଯୋଧାରେ ପ୍ରଭୁ ରାମଲାଲାଙ୍କ ବିଗ୍ରହ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ରାଜଗାଙ୍ଗପୁରରେ ଶାନ୍ତିପୂର୍ଣ୍ଣ ଭାବେ ଏହି ଉତ୍ସବକୁ ପାଳନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ରବିବାର ଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଅଧ୍ୟକ୍ଷତା କରି ଉତ୍ସବକୁ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯାଇ ପାରିବ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସରକାରୀ ସ୍ଥାନରେ ପୋଷ୍ଟର କି ପତକାକୁ ବାନ୍ଧିବେ ନାହିଁ, ମାଇକ୍‌ରେ ପ୍ରଚାର କି ବାଜା ବିନା ଅନୁମତିରେ ବାଜିବ ନାହିଁ, ଶୋଭାଯାତ୍ରା ବାହାରିବ ନାହିଁ, ସୋସିଆଲ ମିଡିଆରେ କୌଣସି ପ୍ରକାର ଉତ୍ତେଜିତ ପୋଷ୍ଟିଂ କରିବେ ନାହିଁ ବୋଲି କହିଥିଲେ। ଏହି ବୈଠକରେ ସ୍ଥାନୀୟ ତହସିଲଦାର ଜଗବନ୍ଧୁ ମଲ୍ଲିକ ଯୋଗଦେଇ ଶାନ୍ତି ଶୃଙ୍ଖଳା ସହ ଭାଇଚାରା ରୂପେ ରାମଲଲାଙ୍କ ବିଗ୍ରହ ପ୍ରତିଷ୍ଠାର ଉତ୍ସବକୁ ଦୀପାବଳି ରୂପେ ପାଳନ କରିବା ପାଇଁ ଅନୁରୋଧ କରିଥିଲେ। ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଶାନ୍ତି କମିଟିକୁ ସଞ୍ଚାଳନ କରି ଏହାର ଉଦ୍ଦେଶ୍ୟ ଉପରେ ମତ ବ୍ୟକ୍ତ କରିଥିଲେ। ପୌରପାଳିକା ଉପାଧ୍ୟକ୍ଷ ଏମ୍‌ଡି ଇରଫାନ ପୌର ପାଳିକା ପକ୍ଷରୁ ଜଳଯୋଗାଣ ଆଲୋକର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ପୌରପାଳିକାର ପୂର୍ବତନ ଉପନଗରପାଳ ଇମ୍ତିକାର ଅହମ୍ମଦ, ପୂର୍ବତନ ବିଜେଡି ଟାଉନ ସଭାପତି ଅମରେଶ ପଣ୍ଡା, ବଜରଙ୍ଗ ଦଳ ସଭାପତି ରାଜେଶ ଶର୍ମା, ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ କମଳ ଅଗ୍ରୱାଲ, ଭାଜପା ମଣ୍ଡଳ ସଭାପତି ରାଜେଶ ଶୋନି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ମୋହରିର ଦିବସ ପାଳିତ

ସୁନ୍ଦରଗଡ,୨୧।୧(ଜୟ ନାରାୟଣ ମେଣ୍ଟୁଳି): ୬୫ତମ ମୋହରିର ଦିବସ ଜିଲା ଓକିଲ ସଂଘ ସଭାଗୃହଠାରେ ପାଳିତ ହୋଇଯାଇଛି। ସଂଘ ସଭାପତି ଦୀନବନ୍ଧୁ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା ଓକିଲ ସଂଘ ସଭାପତି କମଳଲୋଚନ ସେନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସଂଘର ଦିବଙ୍ଗତ ସଭ୍ୟମାନଙ୍କ ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘ ସଦସ୍ୟ ସୁରଥ ରାମ ପଟେଲ, ମନବୋଧ ନିଖଣ୍ଡିଆ, ଦିଲ୍ଲୀପ କାଲୋ, ନେପଲ କାଲୋ, ରାଜୀବ ଲୋଚନ ଷଣ୍ଡ, ପ୍ରଦୀପ କୁମାର ଗୁରୁଙ୍କ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଯୁଧିଷ୍ଠିର ସନାନୀ ବିବରଣୀ ପାଠ କରିଥିଲେ। ଉପସଭାପତି ଦିଲ୍ଲୀପ କାଲୋ ଧନ୍ୟବାଦ ଦେଇଥିଲେ।

# ଜଳ ସଂରକ୍ଷଣ ପ୍ରକଳ୍ପ ଅଚଳ

**ମୁକ୍ତା ପାଣ୍ଠି ଯୋଜନା ଟଙ୍କା ଅପବ୍ୟୟ ଅଭିଯୋଗ**

ରାଉରକେଲା,୨୧।୧(ଦିନେଶ ମିଶ୍ର)

ରାଉରକେଲା ସହରରେ ଜଳ ସଂରକ୍ଷଣ ପାଇଁ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ସହରରେ ଅଧାରୁ ଅଧିକ ପ୍ରକଳ୍ପ ଅଚଳ ଓ ଭଗ୍ନ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି। ଏଭଳି ଉଦିତନଗର ସ୍ଥିତ ପରେଡ ପଡିଆ, ସିଭିଲଟାଉନଶିପ୍ ସ୍ଥିତ ସଞ୍ଜିବନୀ ପାର୍କ ଓ ସେକ୍ଟର-୨୦ ସ୍ଥିତ ମିଶ୍ର ଖଟାଲ ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି।

ଗତବର୍ଷ ବର୍ଷାଋତୁରେ ଉଦିତନଗର ପରେଡ ପଡିଆରେ ଜଳ ସଂରକ୍ଷଣ ପାଇଁ ୮ଟି ପ୍ରକଳ୍ପ ତିଆରି ହୋଇଥିଲା। ମାତ୍ର ଏହି ପ୍ରକଳ୍ପ ଚାରିପଟେ ଅନାବନା ଗଛ ଉଠି ଅଚଳ ଅବସ୍ଥାରେ ପଡିରହିଛି। ସେହିପରି ସିଭିଲଟାଉନଶିପସ୍ଥିତ ସଞ୍ଜିବନୀ ପାର୍କ



ସେକ୍ଟର-୨୦ ମିଶ୍ର ଖଟାଲ ବସ୍ତିରେ ନିର୍ମିତ ଜଳ ସଂରକ୍ଷଣ ପ୍ରକଳ୍ପ।

ଚାରିପଟେ ୧୨ଟି ଜଳ ସଂରକ୍ଷଣ ପ୍ରକଳ୍ପକୁ ସ୍ଥାନୀୟ ଏସ୍‌ଏଚ୍‌ଜିର ମହିଳାମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ପ୍ରକଳ୍ପ କାମ କୌଣସି କାରଣରୁ ଅଧାପନ୍ତରିଆ ହୋଇ ପଡିରହିଥିଲା। ଫଳରେ ଏହି ପାର୍କକୁ ଆସୁଥିବା ଲୋକେ ଏହାକୁ ଡଷ୍ଟବିନ ଭାବେ ବ୍ୟବହାର କରୁଛନ୍ତି। ସେକ୍ଟର-୨୦ ସ୍ଥିତ ମିଶ୍ର ଖଟାଲ ପରିସର ଜଳ ସଂରକ୍ଷଣ ପ୍ରକଳ୍ପ ସ୍ଥାନରେ ଗତ ୩ ମାସ ତଳେ ଡ୍ରେନ ନିର୍ମାଣ କରାଯାଇଥିଲା । ଏହାକୁ ସ୍ଥାନୀୟ ବସ୍ତିବାସୀ ବିରୋଧ କରିବାରୁ ଏହା ଅଧାପନ୍ତରିଆ ହୋଇ ପଡିରହିଛି। ଏହି ପ୍ରକଳ୍ପରେ ଲାଗିଥିବା ଇଟାଗୁଡିକୁ ସ୍ଥାନୀୟ କିଛି ବସ୍ତିବାସୀ ନେଇଯାଇଛନ୍ତି। ନୟାବଜାର କୁଷ୍ଠ ବସ୍ତିରେ ୨୦ଟି, ଆଇନ ମହାବିଦ୍ୟାଳୟରେ ୧୨ଟି ପ୍ରକଳ୍ପ ଅଚଳ ଅବସ୍ଥାରେ ପଡି ରହିଛି। ବର୍ତ୍ତମାନ ସହରରେ ଏହି ପ୍ରକଳ୍ପ ମାତ୍ର ୩୦ ପ୍ରତିଶତ କାମ ଠିକ୍ ଭାବେ ହୋଇଥିବା ବେଳେ ୭୦ ଭାଗ କାମରେ ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳିଛି। ନନ୍ଦଗୁଡିକ କେଉଁଠି ମାଟିରେ ପୋତି ହୋଇଯାଇଥିବାବେଳେ ଆଉ କେଉଁଠି ଇଟା ଭାଙ୍ଗି ଯାଇଛି। ଏଭଳି ଭାବେ ଆରଏମ୍‌ସିର ୪୦ଟି ୱାର୍ଡରେ ଗୋଟିଏ ଗୋଟିଏ ସ୍ଥାନରେ ୫ରୁ ୧୦ଟି ପ୍ରକଳ୍ପ କରି ବିଲ୍ ଉଠାଯାଇଥିବା ଅଭିଯୋଗ ହୋଇଛି। ଏହିସବୁ ଦୁର୍ନୀତି ଲୁଚାଇବା ପାଇଁ ବିଭିନ୍ନ ସ୍ଥାନରେ ପ୍ରକଳ୍ପର ସୂଚନା ଫଳକ ଓ ଏହା କେତେ ଟଙ୍କାର କାର୍ଯ୍ୟ ତାହା ମଧ୍ୟ ଉଲ୍ଲେଖ କରାଯାଇନାହିଁ। ଏ ନେଇ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଜଳ ସଂରକ୍ଷଣ ପାଇଁ ତିଆରି ହେଉଥିବା ପ୍ରକଳ୍ପରେ ଅନିୟମିତତାକୁ ନେଇ ବର୍ତ୍ତମାନ ସୁଦ୍ଧା ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଚଳିତବର୍ଷ ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ପୂର୍ବରୁ ଆମେ ପୂର୍ବ ପ୍ରକଳ୍ପର କାମ ବିଷୟରେ ଯାଞ୍ଚ କରିବୁ। ପରେ କାମ କରିବୁ ବୋଲି ଭୋଇ କହିଥିଲେ।

## ଅଣ ଗେଜେଟେଡ ବନ କର୍ମଚାରୀ ସଂଘର ସାଧାରଣ ଅଧିବେଶନ




ଅଧିବେଶନରେ ଉପସ୍ଥିତ କର୍ମକର୍ତ୍ତା।

ବଣାଇଁ,୨୧।୧(ପ୍ରଦୀପ ତ୍ରିପାଠୀ)

ବଣାଇଁ ଜୋନ ଅଣ ଗେଜେଟେଡ ବନ କର୍ମଚାରୀ ସଂଘର ସାଧାରଣ ଅଧିବେଶନ ସ୍ଥାନୀୟ ବ୍ରାହ୍ମଣୀ ନର୍ସରୀ ବନ ବିଶ୍ରାମ ଗୃହଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଜୋନ ସଭାପତି ସଦାଶିବ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ଡେପୁଟି ରେଞ୍ଜର ଗୋବିନ୍ଦ ଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ବଣାଇଁ ରେଞ୍ଜ ଅଧିକାରୀ ମନୋଜ କୁମାର ପାତ୍ର, ଦେବାଶିଷ ନାଏକ, ଜର୍ଡା ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର କିଷାନ, ତାମଡା ରେଞ୍ଜ ଅଧିକାରୀ ରଞ୍ଜନ କୁମାର ପାଣି, କୁଳିପୋଷ ରେଞ୍ଜ ଅଧିକାରୀ ଧରଣୀଧର ସାହୁ ଯୋଗଦେଇ ଥିଲେ। ସାଗର ସଙ୍ଗମ କଳାପରିଷଦର ପ୍ରତିଷ୍ଠାତା ପର୍ଶୁରାମ ବାରିକଙ୍କ ନିର୍ଦ୍ଦେଶନାରେ କୁନିକୁନି କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଘ ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବଣାଇଁ ସଂଘ ସମ୍ପାଦକ ଗଗନ କୁମାର ତ୍ରିପାଠୀ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ସଂଘ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ସଦାଶିବ ପାତ୍ର କର୍ମଚାରୀଙ୍କ ମୌଳିକ ଅଧିକାର, ଜଙ୍ଗଲ ସୁରକ୍ଷା, ବର୍ତ୍ତମାନର ବ୍ୟବସ୍ଥା ଉପରେ ସମସ୍ତ ସୁବିଧା ଅସୁବିଧା ଓ ବିଭିନ୍ନ ଦାବିକୁ ଉପରିସ୍ଥ ଅଧିକାରୀ ତଥା ପ୍ରଶାସନ ନିକଟରେ ଉପସ୍ଥାପିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜଙ୍ଗଲ ରକ୍ଷଣାବେକ୍ଷଣା କରିବାରେ ସଂଘ କର୍ମଚାରୀଙ୍କ ଶୃଙ୍ଖଳା ଓ ନିଦର୍ଶନ ଉପରେ ଆଲୋକପାତ କରିଥିଲେ। ବଣାଇଁ ସଂଘର ସମସ୍ତ ପଦାଧିକାରୀ ଓ ସଦସ୍ୟଙ୍କ ସହମତି କ୍ରମେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ କରାଯାଇ ଥିବାବେଳେ ଏଥିରେ ସଭାପତି ଭାବେ ତାପସ କୁମାର ଶତପଥୀ, ସମ୍ପାଦକ ଭାବେ ଗଗନ ତ୍ରିପାଠୀ, ଉପ ସଭାପତି ଭାବେ ଜଗନ୍ନାଥ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବନପାଳ ଜ୍ଞାନ ରଞ୍ଜନ ମହାନ୍ତି, ପ୍ରତାପ କୁମାର ସାହୁ, ପ୍ରଦୀପ କୁମାର ଭୋଇ, ଚୈତନ୍ୟ ଭୂମିଜଙ୍କ ସମେତ ବଣାଇଁ ବନଖଣ୍ଡର ୭ଟି ରେଞ୍ଜରୁ ସମସ୍ତ ବନପାଳ ଓ ବନରକ୍ଷୀ ଉପସ୍ଥିତ ଥିଲେ। ଶେଷରେ ଧରଣୀଧର ପାଲି ବନପାଳ ତାପସ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ, ସୃଜନଶୀଳ ଉତ୍ସବ

ରାଉରକେଲା,୨୧।୧(ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ କୋଏଲ ବିଦ୍ୟାପୀଠ ଉଚ୍ଚବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀତଳା ଉତ୍ସବ ପ୍ରଧାନ ଶିକ୍ଷକ କମଳାକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଅରୁଣ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଞ୍ଜବିହାରୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ରା ସହ ଶିକ୍ଷାଧିକାରୀ ଆରତୀ ପ୍ରଧାନ, ସସ୍ମିତା ପ୍ରଧାନ, ପଦ୍ମନାଭ ଦାଶ, ଅଭିରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ କବିତା ପାଠ, ଗଳ୍ପପାଠ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ଦାଶ, ଅଦ୍ୱୈତ ପ୍ରସାଦ ନାୟକ, ଆରତୀ ମହାନ୍ତି, ସରୋଜ କୁମାର ସାହୁ, ଉପେନ୍ଦ୍ର ନାଥ ଷଡଙ୍ଗୀ, କ୍ଷୀରୋଦ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ କିଶୋର ମୋହନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫେସରଙ୍କ ସ୍ମୃତିରେ ସ୍ୱର୍ଣ୍ଣପଦକ ପ୍ରଦାନ



ବେଷ୍ଟ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଉଛି।

ରାଉରକେଲା,୨୧।୧(ଦିନେଶ ମିଶ୍ର)

ରାଉରକେଲାସ୍ଥିତ ଜାତୀୟ ବୈଷୟିକ ଅନୁଷ୍ଠାନ (ଆନ୍‌ଆଇଟି)ର ୨୧ତମ ସମାବର୍ତ୍ତନ ଉତ୍ସବରେ ବେଷ୍ଟ ପୋଷ୍ଟ ଗ୍ରାଜୁଏଟ୍ ଭାବେ ଇଞ୍ଜିନିୟର ରୁଦ୍ରରାମକ୍ରିଷ୍ଣନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ପ୍ରଫେସର ଡକ୍ଟର ରମେଶ ଚନ୍ଦ୍ର ବେହେରା ସ୍ମୃତିରେ ଏହି ପଦକ ପ୍ରଦାନ କରାଯାଇଛି। ପ୍ରଫେସର ବେହେରା ଏନ୍‌ଆଇଟି ମେଟାଲର୍ଜି ବିଭାଗର ମୁଖ୍ୟ ଓ ଅନୁଷ୍ଠାନର ଡିନ୍ ଏକାଡେମୀ ହୋଇ ଅବସର ଗ୍ରହଣ କରିଥିଲେ। ତାଙ୍କ ପରଲୋକ ପରେ ସହଧର୍ମିଣୀ ଲେଖିକା ସବିତାରାଣୀ ବେହେରାଙ୍କ ପକ୍ଷରୁ ଅନୁଷ୍ଠାନର ବେଷ୍ଟ ପୋଷ୍ଟ ଗ୍ରାଜୁଏଟ ଛାତ୍ରଙ୍କୁ ୫ ବର୍ଷ ଧରି ଏହି ସ୍ୱର୍ଣ୍ଣପଦକ ସମାବର୍ତ୍ତନ ଉତ୍ସବରେ ପ୍ରଦାନ କରାଯାଇଆସୁଛି।

## ଲୋକପ୍ରିୟ ହେଉଛି ରାମ୍ ସିୟାରାମ୍ ସଙ୍ଗୀତ



କୁମାର ବିଭୁ ସଙ୍ଗୀତ ପରିବେଷଣ କରୁଛନ୍ତି।

ରାଉରକେଲା,୨୧।୧(ଦିନେଶ ମିଶ୍ର)

ଅଯୋଧ୍ୟା ଧାମରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ପ୍ରସ୍ତୁତ ହୋଇଥିବା 'ରାମ୍ ସିୟାରାମ' ସଙ୍ଗୀତ ସୁନ୍ଦରଗଡ଼ ଜିଲା ସମେତ ରାଉରକେଲା ସହରରେ ବେଶ୍ ଲୋକପ୍ରିୟତା ହାସଲ କରିଛି। ଏହି ଗୀତକୁ କଣ୍ଠଶିଳ୍ପୀ କୁମାର ବିଭୁ ଗାଇଥିବାବେଳେ ଦିଲଦାର ଦୀପକ ଗୀତ ରଚନା ଓ ସ୍ୱର ସଂଯୋଜନା କରିଛନ୍ତି। ଏହି ଗୀତ କଟକ ସ୍ଥିତ ପ୍ରତିଭା ଷ୍ଟୁଡିଓରେ ଶନିବାର ରେକର୍ଡିଂ ହୋଇ କୁମାର ବିଭୁ ଅଫିସିଆଲ ୟୁ୍ୟଟ୍ୟୁବ୍ ଚ୍ୟାନେଲରେ ରିଲିଜ ହୋଇଛି। ଏହି ଗୀତଟି ଗୋଟିଏ ଦିନରେ ଶତାଧିକ ଲୋକଙ୍କୁ ମୁଗ୍ଧ କରିଛି। ରାଉରକେଲାର କଣ୍ଠଶିଳ୍ପୀ କୁମାର ବିଭୁ ବର୍ତ୍ତମାନ ସୁଦ୍ଧା ୧୫ରୁ ଊର୍ଦ୍ଧ୍ୱ ଭଜନ ଓ ଓଡ଼ିଆ ଆଲବମ୍‌ରେ ନିଜ କଣ୍ଠର ଯାଦୁ ଦେଖାଇ ସାରିଲେଣି। ସେ ପେଷାରେ ଜଣେ ଇଞ୍ଜିନିୟର ଏବଂ ନିଶାରେ ଜଣେ ସଫଳ ଗାୟକ ଭାବେ ରାଉରକେଲା ତଥା ରାଜ୍ୟରେ ବେଶ୍ ପରିଚିତ। କିଛିଦିନ ତଳେ ବିଭୁ ଓଲିଉଡ୍‌ର ଚର୍ଚ୍ଚିତ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସହ ମିଶି 'ଝିଅ ମୁଁ ମିରିଣ୍ଡାଫାଣ୍ଟା' ଗୀତ ଗାଇ ଲୋକପ୍ରିୟତା ହାସଲ କରିଥିଲେ। ବିଭୁ ବର୍ତ୍ତମାନ ରାଉରକେଲା କାଂଶବାହାଲ ସ୍ଥିତ ଏଲ୍‌ଆଣ୍ଡ୍‌ଟିକମ୍ପାନୀରେ କାର୍ଯ୍ୟରତ ଅଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ମାଷ୍ଟର ପ୍ରଶିକ୍ଷିକା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବର୍ଷ ଛାତ୍ରୀମାନଙ୍କୁ ନେଇ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସଂଯୋଜିକା ସୁଶ୍ରୀ କ୍ଷିପ୍ରମୟୀ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଆଧୁନିକ ଯୁଗର ମହିଳା ଆତ୍ମରକ୍ଷା କୌଶଳତାରେ ନିପୁଣ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ପରେ ନୋଡାଲ ଅଧିକାରୀ ଶେଫାଳି ବାରିକ ବର୍ତ୍ତମାନ ସମୟରେ ମହିଳା ସମାଜ ନିଜ ଆତ୍ମସୁରକ୍ଷା ପାଇଁ ତୃଣମୂଳ ସ୍ତରରେ ସଶକ୍ତ ହେବା ନିହାତି ଆବଶ୍ୟକ ବୋଲି କହିଥିଲେ। ସୁଶ୍ରୀ ବନିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ପ୍ରଶିକ୍ଷିକା ଭାବେ ଜୟା ସିଂ ଓ ତେଜସ୍ୱିନୀ ସରଙ୍ଗୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁଶ୍ରୀ ଅନନ୍ୟା ସ୍ୱାଇଁ, ଅଶୋକ କୁମାର ସେଠୀ ଓ ତୁଳସୀ ଡିଗି ସହଯୋଗ କରିଥିଲେ।

## ବିଭିନ୍ନ ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

ଲହୁଣୀପଡ଼ା,୨୧।୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଖାଦ୍ୟ ନିରାପତ୍ତା ବିଭାଗ ଏବଂ ଜିଲା ତମାଖୁ ନିୟନ୍ତ୍ରଣ ବିଭାଗର ମିଳିତ ଚଢ଼ାଉ ହେଇଛି। ସିଓଟିପିଏ ଆକ୍ଟ ଅନୁସାରେ ସର୍ବ ସାଧାରଣ ସ୍ଥାନରେ ଧୂମପାନ, ବିଦ୍ୟାଳୟ ଓ କଲେଜର ୧୦୦ ମିଟର ପରିଧି ମଧ୍ୟରେ ତମାଖୁ ଜାତୀୟ ଦ୍ରବ୍ୟ କିମ୍ବା ସିଗାରେଟ୍ ବେନିୟମ ଭାବେ ବିକ୍ରି କରିବା ଅପରାଧରେ ୩୦ରୁ ଊର୍ଦ୍ଧ୍ୱ ଦୋକାନ ଉପରେ ଚଢ଼ାଉ କରାଯାଇ ୩୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଫୁଡ୍ ସେଫ୍ଟି ଆକ୍ଟ ଅନୁଯାୟୀ ବିଭିନ୍ନ ହୋଟେଲ, ପାଉଁରୁଟି, ମିକ୍ଚର ଦୋକାନ, ରାସନ ଦୋକାନରେ ଚଢ଼ାଉ କରାଯାଇ ୫୦୦୦ ଟଙ୍କା ଜରିମାନା କରାଯିବା ସହିତ ବାସି ଏବଂ ରଙ୍ଗ ଯୁକ୍ତ ଅଖାଦ୍ୟ ନଷ୍ଟ କରାଯାଇଥିଲା। ଏହି ଚଢାଉରେ ସୁନ୍ଦରଗଡ ତମାଖୁ ନିୟନ୍ତ୍ରଣ ବିଭାଗର ଜିଲା ପରାମର୍ଶ ଦାତା ସ୍ୱପ୍ନଜିତ ମହାନ୍ତି, ଫୁଡ୍ ସେଫ୍ଟି ପଦାଧିକାରୀ ପ୍ରତାପ ରୁଦ୍ର ମଣ୍ଡଳଙ୍କ ନେତୃତ୍ୱରେ ସୁନ୍ଦରଗଡ ଫୁଡ୍ ସେଫ୍ଟି ଅଧିକାରୀ ମୋନାଲି ମଧୁସ୍ମିତା ବେହେରା, ରାଜଗାଙ୍ଗପୁର ଫୁଡ୍ ସେଫ୍ଟି ଅଫିସର କୁନ୍ଦନ ଲୁହାର, ଡ୍ରଗ ଇନ୍ସପେକ୍ଟର ଆଜମନି ମାରାଣ୍ଡି, ଲହୁଣୀପଡ଼ା ଥାନାର ସବ୍ ଇନ୍ସପେକ୍ଟର ପ୍ରସନ୍ନ କୁମାର ଜେନା, ପୋଲିସ କର୍ମଚାରୀ ଏବଂ ଅବକାରୀ ବିଭାଗର ତେଜରାଜ ଗହୀର ଓ ସହଯୋଗୀ କର୍ମଚାରୀ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ବିଭିନ୍ନ ଦୋକାନୀଙ୍କୁ ଖାଦ୍ୟ ନିରାପତ୍ତା ଆଇନ୍ ଅନୁଯାୟୀ ଲାଇସେନ୍ସ କିମ୍ବା ପଞ୍ଜିକରଣ କରି ଖାଦ୍ୟ ବ୍ୟବସାୟ କରିବା ପାଇଁ ସେମାନଙ୍କୁ ତାଗିଦ କରାଯାଇଥିବା ଜଣାପଡିଛି। ଏହି ମିଳିତ ଚଢ଼ାଉ ଆଗାମୀ ଦିନରେ ଜାରି ରହିବା ସହିତ ବେନିୟମ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚଢ଼ାଉକାରୀ ସୂଚନା ଦେଇଛନ୍ତି।

## ରାଉରକେଲା ମିନିଟ୍ରକ ମାଲିକ ମହାସଂଘର ବନ୍ଧୁମିଳନ

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମିନିଟ୍ରକ୍ ମାଲିକ ମହାସଂଘ ପକ୍ଷରୁ ରବିବାର ବାଲୁଘାଟ ସ୍ଥିତ ତରେକେଲା ଡ୍ୟାମ୍ ନିକଟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାସଂଘ ସଭାପତି ସନ୍ନ୍ୟାସୀ ନାୟକ ସଭାପତିତ୍ୱ କରିଥିଲେ। ବର୍ଷକର ଅକ୍ଳାନ୍ତ ପରିଶ୍ରମକୁ ଲାଘବ କରିବା ସହ ଚାଳକମାନଙ୍କ ମଧ୍ୟରେ ଥିବା ଦୂରତା କମାଇ ବନ୍ଧୁତ୍ୱ ଭାବ ସୃଷ୍ଟି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ସମ୍ପାଦକ କାଳିନ୍ଦୀ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ କୋଷାଧ୍ୟକ୍ଷ ଧନଞ୍ଜୟ ତିୱାରୀ, ଇସିକାନ୍ତ ଖାଲକୋ, ରମାନନ୍ଦ ସାହୁ, ବିନୟ ତିୱାରୀ, ସତ୍ୟରଞ୍ଜନ ରଜତ, ପ୍ରୀତିରଞ୍ଜନ ମହାପାତ୍ର, ପ୍ରତାପ ପ୍ରଧାନ, ଦିଲୀପ ଦାଶ ଓ ଚଞ୍ଚଳ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଳିନ୍ଦୀ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ମହାସଂଘର କର୍ମକର୍ତ୍ତା।

# ଅଦିନିଆ ବର୍ଷା, ଚାଷୀ ହତାଶ

- ଜମିରେ ପାଣି ଚରିଗଲା
- ଟମାଟୋ ସହ ଅନ୍ୟ ପରିବା ଶଢ଼ିଲା

ରାଉରକେଲା/ନୂଆଗାଁ,୨୧।୧ (ସଙ୍ଗୀତା ଜେନା/ବିଜୟ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ସମେତ ରାଉରକେଲାରେ ଅଦିନିଆ ବର୍ଷା ଯୋଗୁ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ରାଉରକେଲା ନିକଟ ନୂଆଗାଁ, ବିଶ୍ରା, କୁଆଁରମୁଣ୍ଡା ଓ ଲାଠିକଟା ଆଦି ବ୍ଲକରେ ଏଭଳି ବ୍ୟାପକ ଫସଲ ନଷ୍ଟ ହୋଇଛି। ବର୍ଷା ପାଣି ଜମିରହି ହେକ୍ଟର ହେକ୍ଟର ଜମିର ଫସଲ ସଢୁଛି। ଫଳରେ ପାଚିଲା ଟମାଟୋ ତୋଳା ମଜୁରି ଉଠିବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଉକ୍ତ ବ୍ଲକଗୁଡିକରେ ଶୀତଳ ଭଣ୍ଡାର ସକ୍ରିୟ ନ ଥିବା ଯୋଗୁ ସ୍ଥିତି ସଙ୍ଗୀନ ହୋଇଛି। ଫଳରେ ସେମାନେ କମ୍ ଦରରେ ବେପାରୀଙ୍କୁ ଉତ୍ପାଦିତ ଫସଲ ବିକିବା ପାଇଁ ବାଧ୍ୟ ହୋଇଛନ୍ତି।



ଅଦିନିଆ ବର୍ଷାରେ ଟମାଟୋ ଫସଲ ନଷ୍ଟ ହୋଇଛି।

ସୂଚନା ଅନୁସାରେ, ନୂଆଗାଁର ଖୁଣ୍ଟଗାଁ, ସୋରଡ଼ା, ନୂଆଗାଁ, ବାଗଡ଼େଗା, କାଡେପୁର, ଚିତାପେଢ଼ି, ବିଶ୍ରା, ଯୋଡାବନ୍ଧ, ଭାଲୁଲତା ସମେତ ଅନ୍ୟ ଅଞ୍ଚଳରେ ବ୍ୟାପକ ପରିବା ଚାଷ କରାଯାଇଥାଏ। ନୂଆଗାଁରେ ଟମାଟୋ ଉତ୍ପାଦନ ରେକର୍ଡ କରିଥିବା ବେଳେ ବିଶ୍ରା ଓ ଅନ୍ୟ ବ୍ଲକ ଅଞ୍ଚଳରେ ମୂଳା, କୋବି, ବାଇଗଣ, ଲାଉ, ମକା, କଞ୍ଚାଲଙ୍କା ଓ ଅନ୍ୟ ଫସଲ ଅଧିକ କରାଯାଇଥାଏ। ପ୍ରାୟ ଏକ ମାସ ତଳେ ବଜାରରେ ବନ୍ଧାକୋବି କିଲୋ ପିଛା ୬୦ ଟଙ୍କା ଥିବା ବେଳେ ଏବେ ତାହା ୭ଟଙ୍କାକୁ ହ୍ରାସ ପାଇଛି। ସେହିପରି ଟମାଟୋ ୫୦ ଟଙ୍କା ଥିବା ବେଳେ ବର୍ତ୍ତମାନ ତାହା ୫ରୁ ୬ ଟଙ୍କାରେ ରହିଛି। ଏପରି ସ୍ଥିତିରେ ଚାଷୀମାନେ ଆର୍ଥିକ କ୍ଷତି ସହିବା ସହ ହୋଲସେଲ ମାର୍କେଟରେ ବେପାରୀମାନେ ଅଧିକ ମୁଲ୍‌ଚାଲ୍ କରୁଛନ୍ତି। ସେମାନେ ପରିବାର ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇ ଦର କମ୍ କରୁଥିବା ଅଭିଯୋଗ ହୋଇଛି। ପାନପୋଷ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସୁପରଭାଇଜର୍ ଶ୍ରୀକାନ୍ତ ଗୁମାନସିଂହ କହିଛନ୍ତି, ୫/୭ ଦିନ ହେଲା ଏହି ପରିସ୍ଥିତି ଲାଗିରହିଛି। ବାଇଗଣ, ଫୁଲକୋବି, ବନ୍ଧାକୋବି, ଟମାଟୋକୁ ବେପାରୀମାନେ ଚାଷୀଙ୍କଠାରୁ ୫ରୁ ୭ ଟଙ୍କା କିଲୋ ପିଛା କ୍ରୟ କରୁଛନ୍ତି। ବ୍ଲକ ଗୁଡ଼ିକରେ ଶୀତଳଭଣ୍ଡାର ନ ଥିବାରୁ ଏପରି ସମସ୍ୟା ଉପୁଜିଛି। ଦୈନିକ ରାଉରକେଲାକୁ ୫ରୁ ୭ଟି ଟ୍ରକରେ ଶହେ ମେଟ୍ରିକ ଟନ୍ ପରିବା ଆସୁଛି। ହେଲେ ଚାହିଦା ରହୁନି। ଫଳରେ ଅନ୍ୟ ଉପାୟ ନ ପାଇ ଚାଷୀ କମ୍ ଦରରେ ବେପାରୀଙ୍କୁ ନିଜ ଫସଲ ଦେଇଯାଉଛନ୍ତି। ଶୀତଳଭଣ୍ଡାର ଥିଲେ ମଧ୍ୟ ବ୍ଲକଗୁଡିକରେ ତାହା ଚାଲୁନାହିଁ। ଏଥିରେ ଟମାଟୋ ଆଦି ସଂରକ୍ଷିତ ରଖାଯାଇପାରନ୍ତା। ତାହା ହୋଇପାରୁନାହିଁ ବୋଲି ଗୁମାନସିଂହ କହିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପାନ୍ ଆଇଆଇଏମ୍ ମ୍ୟାନେଜମେଣ୍ଟ ସମ୍ମିଳନୀ, ଆଇଆଇଏମ୍ କ୍ୟାମ୍ପସ, ପୂର୍ବାହ୍ନ ୧୦ଟା
- ସମ୍ବଲପୁର ପୁସ୍ତକ ମେଳା, ଅପରାହ୍ନ ୨ଟାରୁ ରାତି ୯ଟା।
- ଆଯୋଧାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଦୀପୋତ୍ସବ, ମହାନଦୀ ଅଯୋଧା ଘାଟ, ଅପରାହ୍ନ ୪ଟା

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଫେବୃଆରୀ ୩ରେ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍ ଉଦ୍‌ଘାଟନ ସମ୍ଭାବନା

## ଆଇଆଇଏମ୍ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



**ସମ୍ବଲପୁର,୨୧।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଗୋଶାଳା ନିକଟରେ ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କାମ ଶେଷ ହୋଇଛି। ଆସନ୍ତା ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିବା ସମ୍ଭାବନା ରହିଛି। ଏଥିପାଇଁ ଆଇଆଇଏମ୍ ପରିସରରେ ପ୍ରସ୍ତୁତି ଆରମ୍ଭ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ଆଇଆଇଏମ୍‌ର ନୂତନ କ୍ୟାମ୍ପସ୍ ପରିଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଉଦ୍‌ଘାଟନ କାର୍ଯ୍ୟକ୍ରମ ବିଷୟରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ ସହ ଆଲୋଚନା କରିଥିଲେ। କେଉଁ ସ୍ଥାନରେ କି ପ୍ରକାର ବ୍ୟବସ୍ଥା କରାଯିବ ସେ ନେଇ ନିର୍ଦ୍ଦେଶକଙ୍କ ସହ କ୍ୟାମ୍ପସ୍ ପରିସରରେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। କିଛିଦିନ ଭିତରେ ଦିଲ୍ଲୀରୁ ଏକ ଟିମ୍ ଆସି ଆଇଆଇଏମ୍ ପରିଦର୍ଶନ କରି ତଦାରଖ କରିବା ପରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ଚୂଡ଼ାନ୍ତ ତାରିଖ ଘୋଷଣା କରାଯିବ ବୋଲି ଆଇଆଇଏମ୍ ପକ୍ଷରୁ ସୂଚନା ଦିଆଯାଇଛି।

# କିସିଣ୍ଡାରେ ଜଙ୍ଘାଲିଙ୍ଗା ବଡ଼ଦେଓଙ୍କ ପୂଜା

**ନାକଟିଦେଉଳ,୨୧।୧(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକର ଗଣ୍ଡ ସମାଜ କିସିଣ୍ଡା ଗୁଡ଼ି ପକ୍ଷରୁ ବଡ଼ଦେଓ ଜଙ୍ଘା ଲିଙ୍ଗା ଶାମ୍ବଦଶମି ପୂଜା ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଗଣ୍ଡ ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟ, ବାଦ୍ୟଯନ୍ତ୍ର ସହିତ କଳସଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଷଡବଂଶୀ ଗଣ୍ଡ ସମାଜ ସପ୍ତରଙ୍ଗି ଝଣ୍ଡା ଗିରିଶ୍ଚନ୍ଦ୍ରପୁର ଗୁଡ଼ି ସଭାପତି ନରେନ୍ଦ୍ର ବରିହାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଏହିଉପଲକ୍ଷେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ଗଣ୍ଡ ଷ୍ଟୁଡେଣ୍ଟ ୟୁନିୟନର ପରାମର୍ଶଦାତା ରୋହିତ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସମ୍ବଲପୁରର ଉପାଧ୍ୟକ୍ଷା ରାଖୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କ ବ୍ଲକ ପ୍ରତିନିଧି ମହେନ୍ଦ୍ର କୁଅଁର, ସମ୍ବଲପୁର ମହାନଗର ନିଗମର ବ୍ଲକ ପ୍ରତିନିଧି ସହଦେବ ମୁଣ୍ଡା, ଗଣ୍ଡ ସମାଜ ସଭାପତି ବିଶ୍ୱାମିତ୍ର ଭୋଇ, କିସିଣ୍ଡା ସରପଞ୍ଚ ରୀନା ନାଏକ, ସମିତି ମେମ୍ବର ଯାଜ୍ଞସେନୀ କୁଅଁର, ସାମାଜିକ କର୍ମୀ ଲୋକନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କଠାରୁ ସୁନାଚେନ ଲୁଟ୍

**ସମ୍ବଲପୁର,୨୧।୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ହସ୍ପିଟାଲ ରୋଡ୍‌ରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସୁନାଚେନ ଲୁଟିନେଇଛନ୍ତି। ଅଭିଯୋଗ ଅନୁସାରେ ଧୁରୁରାପଡା ନିବାସୀ ନିରୁପମା ପଣ୍ଡା ସ୍ୱାମୀ ସନ୍ଦିପ ପାଢୀଙ୍କ ସହ ସ୍କୁଟିରେ ଘରକୁ ଫେରୁଥିଲେ। ପାଣିଟାଙ୍କି ଛକରେ ପଛପଟୁ ହେଲ୍‌ମେଟ୍ ପିନ୍ଧିଥିବା ଦୁଇଜଣ ଯୁବକ ବାଇକ୍‌ରେ ଆସି ଚଳନ୍ତା ଗାଡିରେ ବସିଥିବା ନିରୁପମାଙ୍କ ବେକରୁ ସୁନାଚେନ ଲୁଟିନେଇ ଫେରାର ହୋଇଯାଇଥିଲେ। ଫଳରେ ଭାରସାମ୍ୟ ହରାଇ ଦମ୍ପତି ସ୍କୁଟିରୁ ପଡି ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏହାପରେ ସେମାନେ ଟାଉନ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ପୂର୍ବକ ପାଣିଟାଙ୍କି ଛକରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି।

# ୨୭ରେ ସମଲେଶ୍ୱରୀଙ୍କ ରୂପାନ୍ତରିତ ମନ୍ଦିର ଲୋକାର୍ପଣ

**ସମ୍ବଲପୁର,୨୧।୧(ବି.ଶଙ୍କର)**



ଖବରଦାତା ସମ୍ମିଳନୀରେ ମନ୍ଦିର ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

- ଫଳକ ଉନ୍ମୋଚନ କରିବେ ମୁଖ୍ୟମନ୍ତ୍ରୀ
- ୩୦ ପଣ୍ଡିତଙ୍କ ଦ୍ୱାରା ହେବ ପୂଜାର୍ଚ୍ଚନା

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ରୂପାନ୍ତରିତ ମନ୍ଦିର ଓ ପରିକ୍ରମା ପ୍ରକଳ୍ପ ଆସନ୍ତା ୨୭ରେ ଲୋକାର୍ପଣ ହେବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଭବ୍ୟ ପ୍ରକଳ୍ପର ଫଳକ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ମୁଖ୍ୟମନ୍ତ୍ରୀ ହୋମ ଯଜ୍ଞରେ ସାମିଲ ହୋଇ ଦେବୀଙ୍କୁ ଆରାଧନା କରିବେ। ସମଲେଶ୍ୱରୀ ଅସ୍ଥାୟୀ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ସଞ୍ଜୟ କୁମାର ବାବୁ ଏହି ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, ଏହି ଭବ୍ୟ କାର୍ଯ୍ୟକ୍ରମ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ୨୯ ଜିଲା ଓ ଛତିଶଗଡ ରାଜ୍ୟର ମନ୍ଦିରଗୁଡ଼ିକୁ ନିମନ୍ତ୍ରଣ ଦିଆହୋଇଛି। ଲୋକାର୍ପଣ ପରିପ୍ରେକ୍ଷୀରେ ଚାରି ଦ୍ୱାର ଓ ମନ୍ଦିର ସମ୍ମୁଖରେ ହୋମ ଯଜ୍ଞ ଓ ଚଣ୍ଡୀପାଠ ହେବ। ପଣ୍ଡିତ ମହେନ୍ଦ୍ର ପୂଜାହାରୀଙ୍କ ନେତୃତ୍ୱରେ ୩୦ଜଣ ପଣ୍ଡିତ ପୂଜାକାର୍ଯ୍ୟ ସମ୍ପାଦନ କରିବେ। ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। ୨୨ ତାରିଖରେ ଅଙ୍କୁରାରୋପଣ, ୨୬ରେ କଳସ ଯାତ୍ରା ଓ ଅଧିବାସ ନୀତି ହେବ। ମହାନଦୀ ଅଯୋଧା ସରୋବର ଘାଟରୁ ୧ହଜାର ୧ଶହ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହେବେ। ୨୭ ତାରିଖ ଲୋକାର୍ପଣ ଦିବସରେ ମୁଖ୍ୟ ମଣ୍ଡପ ସମେତ ଅନ୍ୟ ୪ଟି ମଣ୍ଡପରେ ହୋମ କରାଯିବ। ସନ୍ଧ୍ୟାରେ ମହାନଦୀ ଆଳତି ହେବ। ଏଥିରେ ସମ୍ବଲପୁର ଓ ଛତିଶଗଡ ଚନ୍ଦ୍ରହାସିନୀ ପୀଠର ୧୪ଜଣ ପଣ୍ଡିତ ସାମିଲ ହେବେ। ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୩୧ରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ଶ୍ରଦ୍ଧାଳୁଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ବିଶେଷ ବ୍ୟବସ୍ଥା କରୁଛନ୍ତି। ସମଗ୍ର ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସମଲେଶ୍ୱରୀଙ୍କ ପ୍ରିୟ ସିନ୍ଦୂର ଓ ଚୁନ୍‌ରୀ ସଂଗ୍ରହ ହେବ। ଜାନୁଆରୀ ୩୦ ପରଠାରୁ ଭକ୍ତମାନେ ଦେବୀଙ୍କ ଦର୍ଶନ ସହ ସଂଗୃହୀତ ଚୁନରୀ ଓ ସିନ୍ଦୂର ଅର୍ପଣ କରିବେ। ଟ୍ରଷ୍ଟ ବୋର୍ଡ ଜିଲା ଅନୁଯାୟୀ ସୂଚୀ ପ୍ରସ୍ତୁତ କରି ପରିଚାଳନା କମିଟି ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରାଯିବ। ସେହି ସୂଚୀ ଅନୁସାରେ ଅଞ୍ଚଳୱାରି ଶ୍ରଦ୍ଧାଳୁମାନେ ସମ୍ବଲପୁର ଆସିଲେ ଶୃଙ୍ଖଳିତ ଦର୍ଶନ ହୋଇପାରିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଟ୍ରଷ୍ଟବୋର୍ଡ ସଭ୍ୟ ପ୍ରଫୁଲ୍ଲକୁମାର ହୋତା, ଦେବ କୁମାର ଆଜମେରିଆ, ସନ୍ତୋଷ ପୃଷେଠ, ଅନିନ୍ଦିତ ଦାଶ ଓ ହେମନ୍ତ ମିଶ୍ର ଉପସ୍ଥିତ ଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରନ୍ତୁ ସରକାର

**କୁଚିଣ୍ଡା,୨୧।୧(ବିରଞ୍ଚି ଦର୍ଜୀ)**

## ଜିଲା କାର୍ଯ୍ୟକାରିଣୀ ବୈଠକ

ରାଜ୍ୟ ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ସହ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥା କରିବାକୁ ସମ୍ବଲପୁର ଜିଲା (ଓୟୁଜେ) ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। କୁଚିଣ୍ଡା ସାମ୍ବାଦିକ ଭବନଠାରେ ଆୟୋଜିତ ବୈଠକରେ ଜିଲା ସଭାପତି ପ୍ରଭାତ ବେହେରା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଶରତ ପ୍ରଧାନ ଜିଲା ୟୁନିୟନର ବିବରଣୀ ଉପସ୍ଥାପନ ପରେ ବରିଷ୍ଠ ସଦସ୍ୟ ହରିହର ନାଥ, ପ୍ରଦୀପ ମିଶ୍ର, ଦେବେନ୍ଦ୍ର ମିଶ୍ର, ଜୟକିଶୋର ମହାପାତ୍ର ପ୍ରମୁଖ ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସାମ୍ବାଦିକ ସୁରକ୍ଷା ଆଇନ, ପେନ୍‌ସନ୍ ଓ ସାମ୍ବାଦିକଙ୍କୁ ସମ୍ମାନ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆଲୋଚନା ପୂର୍ବକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିକାନ୍ତ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ଖବରଦାତାଙ୍କ ଦାବି ପୂରଣରେ ଅନୁଗ୍ରହ ପ୍ରଦର୍ଶନ ପାଇଁ ଦାବି ରଖିଥିଲେ। ଜିଲା ଉପସଭାପତି ଦୀନେଶ ମାହାନା, ସତିଶ ମିଶ୍ର, ସମ୍ପାଦକ କ୍ଷୀତିରଞ୍ଜନ ପଧାନ, ସହସମ୍ପାଦକ ତପନ ଦାସ, କୋଷାଧ୍ୟକ୍ଷ ହେମନ୍ତ ରାଉତ, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାଏକଙ୍କ ସମେତ କୁଚିଣ୍ଡା, ବାମରା, ଜମନକିରା, ରେଙ୍ଗାଲି, ରେଢାଖୋଲ, ନାକଟିଦେଉଳ, ମାନେଶ୍ୱର, ଧନକଉଡା ଆଦି ବ୍ଲକର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ କ୍ଷୀରୋଦ ସା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ସଂଘର ସଦସ୍ୟ ତନୟ ମହାପାତ୍ର, ପ୍ରଶାନ୍ତ ଶର୍ମା, ପ୍ରକାଶ ଶର୍ମା, ସୁଧିର ମହାନ୍ତି, ସୌମ୍ୟରଞ୍ଜନ ଧଳ, ଲିପୁନଚାନ୍ଦ ସାହୁ, ମନିଷ ତିୱାରୀ, ଅମୂଲ୍ୟ ମିଶ୍ର, ରଞ୍ଜିତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀରାମ ଦୀପୋତ୍ସବ ପ୍ରସ୍ତୁତିରେ କେନ୍ଦ୍ରମନ୍ତ୍ରୀ ସାମିଲ

**ସମ୍ବଲପୁର,୨୧।୧(ଭବାନୀ ଶଙ୍କର ଭୋଇ)**



ଦୀପୋତ୍ସବ ପ୍ରସ୍ତୁତି କାର୍ଯ୍ୟରେ ସାମିଲ ହୋଇଥିବା କେନ୍ଦ୍ରମନ୍ତ୍ରୀ।

ଅଯୋଧାରେ ଭବ୍ୟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହେବ। ଏଥିପାଇଁ ସାରା ଦେଶ ଉତ୍ସବମୁଖର ହୋଇଉଠିଛି। ଦେଶର କୋଣ ଅନୁକୋଣରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସମ୍ବଲପୁର ମହାନଦୀର ଅଯୋଧା ସରୋବରଠାରେ ମାରୱାଡି ଯୁବାମଞ୍ଚ ପକ୍ଷରୁ ୧,୧୧,୧୧୧ ଦୀପ ଜଳାଇ ଭବ୍ୟ ଢଙ୍ଗରେ ସ୍ୱାଗତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ମାରୱାଡି ଯୁବାମଞ୍ଚ ଓ ନବଚେତନା ମଞ୍ଚର ସଦସ୍ୟା ପ୍ରସ୍ତୁତିରେ ଲାଗିଛନ୍ତି। ଚାଉଁରପୁର ଗାଁରୁ ପହଞ୍ଚିଥିବା ଦୀପଗୁଡ଼ିକୁ ପାଣିରେ ଧୋଇ ଶୁଖାଇବା ସହ ବତି ତିଆରି କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଗସ୍ତରେ ଥିବାବେଳେ ରବିବାର ମହାତ୍ମା ଗାନ୍ଧୀ ମାର୍ଗସ୍ଥିତ ପର୍ଶୁରାମ ଭବନରେ ପହଞ୍ଚି ଦୀପୋତ୍ସବ ପାଇଁ ଚାଲିଥିବା ପ୍ରସ୍ତୁତିରେ ସାମିଲ ହୋଇ ଯୁବାମଞ୍ଚର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେ ମହିଳାମାନଙ୍କ ସହ କିଛିସମୟ ବତି ତିଆରି କରିବା ସହ ଦୀପ ପ୍ୟାକିଂ କାମରେ ସହଯୋଗ କରିଥିଲେ। ପରେ ସେ ଇଷ୍ଟଦେବୀ ମା' ସମଲେଇଙ୍କ ମନ୍ଦିରକୁ ଯାଇ ମା'ଙ୍କୁ ଦର୍ଶନ କରିବା ସହ ମନ୍ଦିର ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଅଯୋଧାରେ ଶ୍ରୀ ରାମ ମନ୍ଦିର ପ୍ରତିଷ୍ଠା ଦିନ ସମ୍ବଲପୁର କ୍ଷେତରାଜପୁର ପରଦେଶୀ ପଡ଼ାଠାରେ ଶ୍ରୀ ରାଧାବଲ୍ଲଭ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୂର୍ବ ପ୍ରସ୍ତୁତି ଚାଲିଥିବାବେଳେ କେନ୍ଦ୍ରମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସଭାପତି ଗିରିଶ ପଟେଲ ପ୍ରମୁଖ ସାମିଲ ଥିଲେ।

# ହୀରାକୁଦ ପ୍ରିମିୟର ଲିଗ୍ କ୍ରିକେଟ: ଅନ୍ଧାରିପାଟ ଚାମ୍ପିୟନ

**ସମ୍ବଲପୁର,୨୧।୧(ବି.ଶଙ୍କର)**

ହୀରାକୁଦ କ୍ରୀଡା ସଂସଦ ଆୟୋଜିତ ହୀରାକୁଦ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ହୀରକୁଦ ସୁଭାଷ ମଇଦାନରେ ଗୋଲ୍ଡେନ କ୍ଲବ ଓ ଅନ୍ଧରିପାଟ ୱାରିୟର୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ଧାରିପାଟ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଗୋଲ୍ଡେନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ମୋଟ ୧୭୬ ରନ କରିଥିଲା। ଜବାବରେ ଅନ୍ଧାରିପାଟ ଦଳ ୧୭୭ ରନ କରି ଦୁଇ ଉଇକେଟରେ ବିଜୟୀ ହୋଇଥିଲା। ଅମ୍ପାୟାର ଏମ୍‌ଡି ଜିଲାନି ଓ ବିକ୍ରମ ପଣ୍ଡା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଓ ବିଜେଡି ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଦାସ, ହିଣ୍ଡାଲ୍‌କୋ ଏଫ୍‌ଆର୍‌ପି ଅଧିକାରୀ ଦୀପକ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ସଚିକାନ୍ତ ମିଶ୍ର ଉତ୍ସବ ପରିଚାଳନା କରିଥିଲେ।

# କ୍ରିକେଟ୍ ପ୍ରତିଯୋଗିତା: ଦେଓଗାଁ ଚାମ୍ପିୟନ



ବିଜେତା ଦଳକୁ ପୁରସ୍କୃତ କରୁଛନ୍ତି ଅତିଥି।

**ସମ୍ବଲପୁର,୨୧।୧(ପ୍ରମୋଦ ବହିଦାର)**

ଦେଓଗାଁ ପଞ୍ଚାୟତ ଜୟ ହନୁମାନ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କେଉଁଟିପାଲିକୁ ୧୩ରନରେ ପରାସ୍ତ କରି ଦେଓଗାଁ ଦଳ ଚାମ୍ପିୟନ ହୋଇଛି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଜେଡି ରାଜ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦରାଶି ଦେଇ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଅନ୍ୟତମ ଅତିଥିଭାବେ ସତ୍ୟବାନ ମିଶ୍ର, ଦେବାଶିଷ ପଟ୍ଟନାୟକ, ଯୋଗେଶ୍ୱର ରାଉତ, ଧନୁ ପଟେଲ, ପରାଗ ମହନ୍ତ ପ୍ରମୁଖ ଯୋଗଦେଇଥିଲେ। ଅମ୍ପାୟାର ଭାବେ ଜେନାକାନ୍ତ ବାରିକ, ଭିରୋଜ ତନସନା ଖେଳ ପରିଚାଳନା କରିଥିଲେ। ବିଚ୍ଚୁ ସେଠ୍, ମୁନୁ ଦୀପ, ବାସୁଦେବ ସେଠ୍, ପଦ୍ମଲୋଚନ ବାରିକ ସହଯୋଗ କରିଥିଲେ।

# ଶୁଣିଲାନି ପ୍ରଶାସନ: ନଦୀ ଉପରେ କାଠପୋଲ କଲେ ଗ୍ରାମବାସୀ

**ନାକଟିଦେଉଳ,୨୧।୧(ବୈକୁଣ୍ଠ ନାଥ ସାହୁ)**



ନଦୀ ଉପରେ ଗ୍ରାମବାସୀଙ୍କ ଦ୍ୱାରା ତିଆରି ହୋଇଥିବା କାଠପୋଲ।

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗଦାଧରପୁର -କଣ୍ଢେଳ ମଧ୍ୟରେ ଥିବା ଟିଙ୍କିରା ନଦୀ ଲୋକଙ୍କ ଯାତାୟାତରେ ବାଧକ ସାଜିଥାଏ। ନଦୀରେ ପୋଲ ନିର୍ମାଣ ପାଇଁ ଆଖପାଖ ଗ୍ରାମବାସୀ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଗୁହାରି କରି ଆସୁଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ବାଟଗାଁ ଓ ସାଲେଭଟା ଗ୍ରା.ପ.ର ୫ ଖଣ୍ଡ ଗ୍ରାମର ଲୋକେ ରବିବାର ନିଜେ ଶ୍ରମଦାନ କରି ନଦୀ ଉପରେ ଏକ କାଠ ପୋଲ ନିର୍ମାଣ କରିଛନ୍ତି।

ଟିଙ୍କିରା ନଦୀରେ ପୋଲ ନ ଥିବାରୁ ସାଲେଭଟା ପଞ୍ଚାୟତର କଣ୍ଢେଳ, ବାବୁତଇଲା, ତୁଳସୀ ଟଇଲା, ଡେରାପଥର, ରୋହିଣୀ ଗାଡ଼ିଆ ଆଦି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ବାଟଗାଁଠାରେ ଥିବା ଡାକ୍ତରଖାନା, ବ୍ୟାଙ୍କ, ସ୍କୁଲ କଲେଜ ଆଦିକୁ ଆସିବା ପାଇଁ କେଉଁଟିବେର୍ଣ୍ଣ ରାସ୍ତା ଦେଇ ୨୦କି.ମି. ଦୂର ଅତିକ୍ରମ କରିଥାନ୍ତି । ଟିଙ୍କିରା ନଦୀ ପାରି ହେଲେ କଣ୍ଢେଳ ସମେତ ଆଖପାଖ ଗ୍ରାମର ଲୋକେ ବାଟଗାଁ ଆସିବାକୁ ହେଲେ ମାତ୍ର ୨କି.ମି. ଦୂରତା ହେବ। ତେଣୁ ବହୁ ସମୟରେ ଏଠାକାର ଲୋକେ ନଦୀ ପାରିହୋଇ ବାଟଗାଁ କିମ୍ବା ବ୍ଲକ ସଦର ମହାକୁମାକୁ ଯିବାଆସିବା କରନ୍ତି। ହେଲେ ବର୍ଷାଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଛାତ୍ରୀଛାତ୍ର ଜୀବନକୁ ବାଜି ଲଗାଇ ନଦୀ ପାର ହେଉଥିବା ଦେଖିବାକୁ ମିଳେ। ନଦୀରେ ପୋଲଟିଏ ନିର୍ମାଣ ପାଇଁ ଅଞ୍ଚଳବାସୀ ୨୦୧୭ଠାରୁ ବିଭିନ୍ନ ସମୟରେ ସମ୍ବଲପୁର ଜିଲାପାଳ, ସାଂସଦ ଓ ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଭାବେ ଅବଗତ କରିଆସୁଥିଲେ ମଧ୍ୟ ସୁଫଳ ମିଳି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କଣ୍ଢେଳ, ତୁଳସୀତଇଲା, ବାବୁତଇଲା, ଡେରାପଥର, ଗଦାଧରପୁର ଗ୍ରାମର ପ୍ରାୟ ୨ ଶହରୁ ଅଧିକ ମହିଳାପୁରୁଷ ଦୁଇଦିନ ଧରି ପରିଶ୍ରମ କରି ଟିଙ୍କିରା ନଦୀ ଉପରେ ଏକ କାଠ ପୋଲ ନିର୍ମାଣ କରିଛନ୍ତି ।

# ହାଇସ୍କୁଲରେ ବିଶ୍ୱ ଓଡ଼ିଆ ସମ୍ମିଳନୀ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**କୁଚିଣ୍ଡା,୨୧।୧(ବିରଞ୍ଚି ଦର୍ଜୀ)**

କୁଚିଣ୍ଡା ବ୍ଲକ ତେଲିଟିଲେଇମାଲ ପଞ୍ଚାୟତ ଲଇଡାଗୁଣା ଏସ୍‌ଏନ୍ ଶର୍ମା ହାଇସ୍କୁଲରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଝସକେତନ ସାହୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ୍ୟ ମିଶ୍ର ମୁଖ୍ୟଅତିଥି, ସମିତିସଭ୍ୟା ସ୍ୱର୍ଣ୍ଣଲତା ଅଢା, ପ୍ରଶାନ୍ତ ଭଇଁଷା, ଅବସରପ୍ରାପ୍ତ ଶିକ୍ଷକ ଅସିତ ମହାପାତ୍ର, ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ ନାୟକ, ପୁରାତନ ଛାତ୍ର ଯୁଧିଷ୍ଠିର କିଷାନ, ୱାର୍ଡ ମେମ୍ବର ପବିତ୍ର କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଅତିଥିଗଣ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ରଞ୍ଜନ ପଟେଲ ସଭା ପରିଚାଳନା କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।

# ଭାଷା ଦ୍ୱନ୍ଦ୍ୱ ନୁହେଁ ଆତ୍ମୀୟତା ବୃଦ୍ଧି କରେ: ଧର୍ମେନ୍ଦ୍ର

**ସମ୍ବଲପୁର,୨୧।୧(ପ୍ରମୋଦ ବହିଦାର)**



ପୁସ୍ତକ ମେଳା ଉଦ୍‌ଘାଟନ କରୁଛନ୍ତି ମୁଖ୍ୟଅତିଥି।

## ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଘାଟିତ

ଭାଷା ଦ୍ୱନ୍ଦ୍ୱ ନୁହେଁ ଆତ୍ମୀୟତା ବୃଦ୍ଧି କରେ। ସମ୍ବଲପୁର ପିଏଚ୍‌ଡି ପଡ଼ିଆରେ ସ୍ୱେଚ୍ଛାସେବୀ ସଂଗଠନ 'ସେତୁ'ର ସହଯୋଗ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଜାତୀୟ ବୁକ୍ ଟ୍ରଷ୍ଟ ଇଣ୍ଡିଆ (ଏନ୍‌ବିଟି) ଆନୁକୂଲ୍ୟରେ ଆୟୋଜିତ ୨୪ତମ ପୁସ୍ତକ ମେଳାକୁ ରବିବାର ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି, ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍ଥାନୀୟ ଭାଷାକୁ ସାମିଲ କରିବା ଦାୟିତ୍ୱ କେନ୍ଦ୍ର ଶିକ୍ଷା ବିଭାଗର। ଆଗାମୀ ଦିନରେ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରା, ଇତିହାସକୁ ପାଠ୍ୟପୁସ୍ତକରେ ରୂପାନ୍ତରିତ କରାଯାଇ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରାଯିବ। ଏହା ସହ ଅଞ୍ଚଳର ଅର୍ଥନୀତି ଓ ଯୁବତୀଯୁବକଙ୍କ ଆଶା ଆକାଂକ୍ଷାକୁ ସୁରକ୍ଷିତ କରିବାକୁ କେନ୍ଦ୍ର ଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି। ଅଞ୍ଚଳର ବାନ୍ଧକଳା ସହିତ ସଂସ୍କୃତି, ଇତିହାସ, ପୃଷ୍ଠଭୂମିର ଗବେଷଣା ପାଇଁ ସମ୍ବଲପୁର ଆଇଆଇଏମ୍‌ରେ ରଙ୍ଗବତୀ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହୋଇଥିବରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ଦୀର୍ଘ ୨୪ବର୍ଷ ଧରି 'ସେତୁ' ପକ୍ଷରୁ ନିରବଚ୍ଛିନ୍ନ ଭାବେ ଏହି ପୁସ୍ତକମେଳା ଆୟୋଜିତ ହୋଇ ଅଞ୍ଚଳର ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଥିବାରୁ ସେ ଏହାର କର୍ମକର୍ତ୍ତାଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ, ଏନ୍‌ବିଟିର ନିର୍ଦ୍ଦେଶକ କର୍ନେଲ ଯୁବରାଜ ମଲ୍ଲିକ, ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସମ୍ପାଦକ ସୁକାନ୍ତ କର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

# ଫୁଟ୍‌ବଲ: ସମ୍ବଲପୁର ମହିଳା କ୍ଲବ ଚାମ୍ପିୟନ



ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

**ରେଙ୍ଗାଲି,୨୧।୧(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା କୁଦୋପାଲିଠାରେ ରାଜାରାମ ତ୍ରିପାଠୀ ମେମୋରିଏଲ ଏକଦିବସୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ମହିଳା କ୍ଲବ ଓ ଝାରସୁଗୁଡା ମହିଳା କ୍ଲବ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ସମ୍ବଲପୁର ମହିଳା କ୍ଲବ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦୦୦ଟଙ୍କା ଉପବିଜେତା ଦଳକୁ ଟ୍ରଫି ସହ ୪୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ବିଜେଡି ନେତ୍ରୀ ମୋନିକା ବେହେରା, ଗାନ୍ଧୀ ବେହେରା, ବିଜେଡିର ଗୋବର୍ଦ୍ଧନ ସାହୁ, ଶୁଶୀଲ କିଷାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ କୁଦୋପାଲି ବୀଣାପାଣି ୟୁଥ୍ କ୍ଲବର କ୍ରିଷ୍ଣା ତ୍ରିପାଠୀ, ଖଗେଶ୍ୱର ସୁନାଙ୍କ ସମେତ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

